## ୧୫୨ ଅଭିଯୋଗର ହେଲା ଶୁଣାଣି

ବାହାନଗା,୨୭।୪(ଅରୂପ କୁମାର ଦାସ): ବାହାନଗା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣିଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ତୁରନ୍ତ ୧୧ଟି ଅଭିଯୋଗ ସମାଧାନ ହୋଇଛି। ତେବେ ବ୍ଲକ୍ ସମ୍ବନ୍ଧୀୟ ୩୦ଟି ଅଭିଯୋଗ ଆସିଥିବା ବେଳେ ତହସିଲ ସମ୍ବନ୍ଧୀୟ ୩୫, ବିଦ୍ୟୁତ୍ ସମ୍ବନ୍ଧୀୟ ୯ଟି, ଗ୍ରାମ୍ୟ ପାନୀୟ ଜଳ ସମ୍ବନ୍ଧୀୟ ୭ଟି, ପୋଲିସ ମାମଲା ସମ୍ବନ୍ଧୀୟ ୧୭ଟି, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୪ଟି ଓ ଗ୍ରାମ୍ୟ ଉନୟନ ବିଭାଗ ରାସ୍ତା ସମ୍ବନ୍ଧୀୟ ୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗଗୁଡ଼ିକୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଗ୍ରହଣ କରି ସମ୍ପୃକ୍ତ ବିଭାଗକୁ ତଦନ୍ତ କରି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସମେତ ଏସ୍‌ପି ପ୍ରତ୍ୟୁଷ ଦିବାକର, ସିଡିଏମଓ ଡା. ଅମୂଲ୍ୟ ଦାସ, ଅତିରିକ୍ତ ଜିଲାପାଳ ହେମନ୍ତ ସିଂ, ଉପଜିଲାପାଳ ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଅମ୍ବିକା ଭୂୟାଁ, ଏବିଡିଓ ପ୍ରୀତିଶ ରଞ୍ଜନ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ପ୍ରମୁଖଙ୍କ ଉପସ୍ଥିତରେ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସାଧାରଣତଃ ଗୃହ, ଭତ୍ତା, ରାସ୍ତା, ବିଦ୍ୟୁତ୍ ସଂଯୋଗ ଆଦି ବାବଦରେ ଅଭିଯୋଗ ଅଧିକ ହୋଇଥିଲା।

# ଛୁଟି ପୂର୍ବରୁ ସବୁ ପିଲାଙ୍କୁ ମିଳିଲାନି ବହି

**ଖଇରା ବ୍ଲକ୍**

- ଆବଶ୍ୟକ ୧ଲକ୍ଷ ୧୮ ହଜାର ପୁସ୍ତକ, ମିଳିଛି ୮୬ ହଜାର
- ୩୦ ପ୍ରତିଶତ ବହି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଗୋଦାମରେ ଗଚ୍ଛିତ

ଖଇରା,୨୭।୪(ଉତ୍କଳବନ୍ଧୁ ପଣ୍ଡା)– ନୂଆ ଶିକ୍ଷା ବର୍ଷ ଆରମ୍ଭ ହେଲା। ଖଡ଼ିଛୁଆଁ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବ ସରିଲା। ଏବେ ଖରାଛୁଟି ପାଇଁ ବିଦ୍ୟାଳୟରେ ମଧ୍ୟ ପାଠପଢ଼ା ବନ୍ଦ ରହିଲାଣି। ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଅଞ୍ଚଳର ସବୁ ଛାତ୍ରୀଛାତ୍ରଙ୍କୁ ମିଳିପାରିଲାନି ସରକାରୀ ବହି। ଏନେଇ ଛାତ୍ରୀଛାତ୍ର ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏପ୍ରିଲ ୪ ତାରିଖରେ ରାଜ୍ୟର ପ୍ରତ୍ୟେକ ସ୍କୁଲରେ ପାଳିତ ହୋଇଯାଇଛି ଖଡ଼ିଛୁଆଁ ପର୍ବ ଓ ପ୍ରବେଶ ଉତ୍ସବ। ନୂଆ କରି ବିଦ୍ୟାଳୟ ଯାଉଥିବା ପିଲାଙ୍କ ଲାଗି ଖଡ଼ିଛୁଆଁ ଏବଂ ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଉଚ୍ଚଶ୍ରେଣୀରେ




ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

ପ୍ରବେଶ କରିବା ପାଇଁ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା। ହେଲେ ଉଭୟ ଉତ୍ସବକୁ ଆସୁଥିବା ପିଲାମାନଙ୍କୁ ନିରାଶାରେ ଘରକୁ ଫେରିବାକୁ ପଡ଼ିଥିଲା। ଅର୍ଥାତ ଜଣେ ହେଲେ ପିଲାଙ୍କୁ ବହି ଯୋଗାଇ ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟ ଅର୍ଥାତ ଏପ୍ରିଲ ୨୩ ତାରିଖ ଖରାଛୁଟି ପୂର୍ବରୁ ଶିକ୍ଷାବିଭାଗ ବ୍ଲକ୍‌କୁ ଆବଶ୍ୟକତାଠାରୁ କମ୍ ବହି ଯୋଗାଇଛନ୍ତି। ଯେତିକି ବି ବହି ବ୍ଲକ୍‌କୁ ଆସିଛି ସେଥିରୁ ୩୦ ପ୍ରତିଶତ ବହି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଗୋଦାମରେ ଗଚ୍ଛିତ ରହିଛି। ଛୁଟି ପୂର୍ବରୁ ଯଦି ଶିକ୍ଷାବିଭାଗ ସବୁ ପିଲାଙ୍କୁ ବହି ଯୋଗାଇ ପାରିଥାନ୍ତେ ତେବେ ଦୀର୍ଘ ଦେଢ଼ମାସ ପିଲାମାନଙ୍କର ଏହି ଛୁଟି ସମୟ ପଠାପଢ଼ାରେ ବିନିଯୋଗ କରାଯାଇ ପାରିଥାନ୍ତା ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି।

ଖଇରା ବ୍ଲକରେ ମୋଟ ୨୭୧ଟି ପ୍ରାଥମିକ, ଉଚ୍ଚପ୍ରାଥମିକ, ପ୍ରାଥମିକ ସହ ମିଶି ରହିଥିବା ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଥିମଧ୍ୟରୁ ୨୩୮ଟି ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଥିବାବେଳେ ୩୩ଟି ଘରୋଇ ସ୍କୁଲ ରହିଛି। ପୂର୍ବରୁ ଉଭୟ ସରକାରୀ ଓ ଘରୋଇ ସ୍କୁଲକୁ ମାଗଣା ପୁସ୍ତକ ମିଳୁଥିଲେ ହେଁ ଏବେ କେବଳ ସରକାରୀ ବିଦ୍ୟାଳୟକୁ ଏହି ସୁବିଧା ଯୋଗାଇ ଦିଆଯାଉଛି। ଏହି ୨୩୮ ବିଦ୍ୟାଳୟରେ ଏବେ ୧୭ହଜାର ୬୮୬ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ସେମାନଙ୍କ ପାଇଁ ୧ଲକ୍ଷ ୧୮ହଜାର ୪୨୦ଖଣ୍ଡ ବହି ଆବଶ୍ୟକ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରେ ପ୍ରାୟ ସବୁ ଶ୍ରେଣୀରେ ବହି ବଦଳିଥିବାକୁ ଆଳକରି ବହି ଯୋଗାଣରେ ଯଥେଷ୍ଟ ବିଳମ୍ବ କରାଯାଇଥିଲା। ଏଭଳିକି ୪ତାରିଖ ଖଡ଼ିଛୁଆଁ ଉତ୍ସବ ପାଳନ ସମୟରେ କ୍ୱଚିତ ବିଦ୍ୟାଳୟକୁ ନୂଆ ପୁସ୍ତକ ମିଳିପାରିଥିଲା। ୨୩ ତାରିଖ ଛୁଟି ପୂର୍ବରୁ ବ୍ଲକ୍‌କୁ ୮୬ହଜାର ୯ଶହ ଖଣ୍ଡ ବହି ଆସିଥିବା ବେଳେ ଏବେ ସୁଦ୍ଧା ଆହୁରି ୩୧ହଜାର ୫୨୦ଖଣ୍ଡ ବହିର ଅଭାବ ରହିଛି। ଯେତିକି ବହି ମିଳିଥିଲା ଶିକ୍ଷକମାନେ ଜନଗଣନା କାର୍ଯ୍ୟରେ ବ୍ୟସ୍ତଥିବା ଯୋଗୁ ଅର୍ଦ୍ଧାଧିକ ସଂଖ୍ୟାର ବହି ବିଦ୍ୟାଳୟରେ ନ ପହଞ୍ଚି ଗୋଦାମରେ ପଡ଼ି ରହିଛି।

ଏ ସମ୍ପର୍କରେ ଖଇରା ଦାୟିତ୍ୱରେ ଥିବା ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାଶଙ୍କୁ ପଚାରିବାରୁ ବହି ଆବଶ୍ୟକତା ଅନୁଯାୟୀ ମିଳି ପାରୁନାହିଁ। ଯାହାବି ଆସୁଛି ସିଆର୍‌ସିଙ୍କ ମାଧ୍ୟମରେ ବିଦ୍ୟାଳୟକୁ ପଠାଇ ଦିଆଯାଉଥିବା ସେ କହିଛନ୍ତି।

## ପରିବେଶ ସୁରକ୍ଷା ସଚେତନତା



ବାଲେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

**ଚାନ୍ଦିପୁର ବେଳାଭୂମି ସଫେଇ, ଚାରା ବଣ୍ଟନ ଅଭିଯାନ**

ବାଲେଶ୍ୱର, ୨୭।୪(ବାଞ୍ଛାନିଧି ଦେ): ବାଲେଶ୍ୱର ଲାୟନ୍ସ କ୍ଲବ୍ ଏମ୍ ପାୱାର ପକ୍ଷରୁ ପରିବେଶ ସପ୍ତାହ ଉପଲକ୍ଷେ ରବିବାର ଚାନ୍ଦିପୁରରେ ବେଳାଭୂମି ସଫେଇ, ଚାରା ବଣ୍ଟନ ଏବଂ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ଚାରାରୋପଣ କରିବା ଏବଂ ଜଳବାୟୁ ସ୍ଥିରତା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ସପ୍ତାହର ମୂଳ ଲକ୍ଷ୍ୟ ବୋଲି ସଭାପତି ରିତିକ୍ ଜୀ ବକ୍ତବ୍ୟରେ କହିଥିଲେ। କ୍ଲବ୍‌ର ସଭାପତି ରିତିକ ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟାସଦସ୍ୟ ଯୋଗଦେଇ ବେଳାଭୂମି ସଫେଇ ସହ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଶତାଧିକ ଲୋକଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରିଥିଲେ। ବ୍ୟାପକ ଚାରାରୋପଣ ସହ ସବୁଜ ଜଙ୍ଗଲ ସୃଷ୍ଟି ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ପାଇଁ ସ୍ଥାନୀୟ ଲୋକଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ସମ୍ପାଦିକା ମଧୁମିତା ପଲ୍, ମିତା ମନ୍ନା, ଏମ୍‌ଡି ଆସଲମ୍ ଖାନ୍, ଧିରେନ ନାୟକ, ତାରିକ୍ ମହମ୍ମଦ, ମିତା ପଟ୍ଟନାୟକ, ରଶ୍ମିତା ନାୟକ, ବିଶ୍ୱରୂପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ ହତ୍ୟା ବନ୍ଦ ଦାବିରେ ଶୋଭାଯାତ୍ରା

ଭୋଗରାଇ,୨୭।୪(ପ୍ରଦୀପ ଦାସ): ଗୋ ହତ୍ୟା ସମ୍ପୂର୍ଣ୍ଣ ବନ୍ଦ, ଗୋମାତାଙ୍କୁ ଉପଯୁକ୍ତ ଅନୁସନ୍ଧାନ ଓ ଅନୁଦାନ, ଗୋମାତାଙ୍କୁ ରାଷ୍ଟ୍ରମାତାର ମୌଳିକ ଅଧିକାର ପ୍ରଦାନ ଦାବି ନେଇଁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ବିଶ୍ୱ ସନାତନ କଲ୍ୟାଣ ସଂଘ ଶାଖା ପକ୍ଷରୁ ଗୋ ସମ୍ମାନ ଦିବସ ଉପଲକ୍ଷେ ଏକ ଶୋଭାଯାତ୍ରା କରାଯାଇଛି। ସୋମବାର ରସିଦପୁର ଶ୍ରୀଜଗନ୍ନାଥ ମନ୍ଦିରରୁ ସନାତନ ପନ୍ଥୀମାନେ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ଗୋ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଭୋଗରାଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଗୋ ସୁରକ୍ଷା ଓ ଗୋମାତାଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜନହିତକର ମହାଔଷଧୀ ସମ୍ପର୍କରେ ସନାତନୀ କଲ୍ୟାଣ ସଂଘର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ପରେ ଉକ୍ତ ସଂଘ ପକ୍ଷରୁ ସନାତନ ସନ୍ଥ ଗୋପାଳଜୀ ମହାରାଜ, ଜିଲା ଉପସଭାପତି ପ୍ରଦୀପ ଗିରି, ସମ୍ପାଦକ ସତ୍ୟବ୍ରତ ଦେ, ରବୀନ୍ଦ୍ର ବେହେରା, ସୁଶୀଲ ମାହାନ୍ତି, ପରମେଶ୍ୱର ଜେନା, ନିମାଇଁ ମାହାନ୍ତି, ଚିତ୍ତରଞ୍ଜନ ଗିରି ପ୍ରମୁଖ ଏକ ପ୍ରତିନିଧି ଦଳ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।



## ‘ପୁରାତନ ଛାତ୍ର ଆଗାମୀ ପିଢ଼ିର ପଥ ପ୍ରଦର୍ଶକ’




ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

**ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ**

ବାଲେଶ୍ୱର,୨୭।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର ୩୨ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ସଭାଗୃହରେ ଆୟୋଜିତ ଏହି ଉତ୍ସବରେ ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାୟତନର ସର୍ବାଙ୍ଗୀନ ବିକାଶରେ ପୁରାତନ ଛାତ୍ରମାନଙ୍କ ଭୂମିକା ଅତ୍ୟନ୍ତ ଗୌରବଜନକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ପୁରାତନ ଛାତ୍ରମାନଙ୍କୁ ଆଗାମୀ ପିଢ଼ିର ପଥପ୍ରଦର୍ଶକ ଭାବେ ଅଭିହିତ କରିଥିଲେ। ଏଥିସହ ସମୁଦ୍ର ମନ୍ଥନର ଉଦାହରଣ ଦେଇ ସକାରାତ୍ମକ ଓ ନକାରାତ୍ମକ ସତ୍ତା ଉପରେ ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଫକୀର ମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଦିନେଶ କୁମାର ଦାସ ସଂସଦର ଗଠନାତ୍ମକ କାର୍ଯ୍ୟର ପ୍ରଶଂସା କରିଥିଲେ। ସଭାପତି ଡା. ଚୌଧୁରୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଂସଦର ଆଦର୍ଶ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପରେ ସଂସଦର ସଂଗଠକ ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ ବର୍ଷସାରା ଅନୁଷ୍ଠାନ ପକ୍ଷରୁ ସମ୍ପାଦିତ ବିଭିନ୍ନ ସମାଜସେବା ମୂଳକ ଓ ଶୈକ୍ଷିକ କାର୍ଯ୍ୟକ୍ରମର ସବିଶେଷ ଚିତ୍ର ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟ ସମ୍ପାଦକ ଭାବେ ପୁରାତନ ଛାତ୍ର ତଥା ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକ, ସମ୍ପାଦକ ମଣ୍ଡଳୀର ସର୍ବଶ୍ରୀ ନାଟ୍ୟକାର ତଥା ଶିଶୁ ସାହିତ୍ୟିକ ପୀତାମ୍ବର ଦାସ, ଅନିଲ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ଘୋଷ, ରମାକାନ୍ତ ମହାନ୍ତି, ଦେବାଶିଷ ପାଣି ଓ ବିନୟ ମହାପାତ୍ରଙ୍କ ମିଳିତ ସମ୍ପାଦନାରେ ପ୍ରକାଶ ପାଇଥିବା ସଂସଦର ବାର୍ଷିକ ମୁଖପତ୍ର ‘ପ୍ରାକ୍ତନିକା’ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରକ୍ତଦାନ, ଚିକିତ୍ସା ଶିବିର

ଖଇରା, ୨୭।୪ (ଉତ୍କଳ ବନ୍ଧୁ ପଣ୍ଡା ): ଖଇରା ତଥା ନୂଆଦିଲ୍ଲୀ ରେ ବିଭିନ୍ନ ସେବା ଓ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆୟୁଷ୍ମାନ ଫାଉଣ୍ଡେସନର ସପ୍ତମ ବାର୍ଷିକ ଉତ୍ସବ ଗୁରୁଗ୍ରାମସ୍ଥିତ ମାରୁତିକୁଞ୍ଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିର ଏବଂ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ରେ ମୁଖ୍ୟ ଅତିଥି ଭାବେ ମହାମାୟା ଲାଇଫ୍ ସାଇନ୍ସର ମୁଖ୍ୟ ନିର୍ଦ୍ଦେଶକ ଗଣେଷନ କ୍ରୀଷ୍ଣମୂର୍ତ୍ତି, ଉପ ସଭାପତି ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଲୋକେ ଆଖି ପରୀକ୍ଷା କରିଥିଲେ। ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରୋଟାରି ବ୍ଲଡ୍ ସେଣ୍ଟର ଗୁରୁଗ୍ରାମ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ସେଣ୍ଟର ଫର ସାଇଟ ପକ୍ଷରୁ ଚକ୍ଷୁ ପରୀକ୍ଷା ହୋଇଥିଲା। ଆୟୁଷ୍ମାନ ଫାଉଣ୍ଡେସନର ସଭାପତି ନିବେଦିତା ଜେନା, ସଦସ୍ୟ ଭୂପତି ରାଉତ, ପ୍ରଦୀପ ବେହେରା, ବିଭୁତିସାହୁ, ଆଲୋକ ରଞ୍ଜନ, ଅନ୍ତର୍ଯ୍ୟାମୀ ମହାପାତ୍ର, ଆଲୋକ ମହୁରୀ, ଜଗନ୍ନାଥ ମନ୍ଦିର ସଭାପତି ସୌମ୍ୟ ରଞ୍ଜନ ରଥ, ସମ୍ପାଦକ ସରୋଜ ସାହୁ , କୋଷାଧକ୍ଷ ସାହାଜି ରାଉତ, ପବିତ୍ର ରାଉତ, ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ସଭାପତି ମୀନ କେତନ ସାମଲ, ପ୍ରବୀର ମହାନ୍ତି, ସୁଧାଂଶୁ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।




ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

ନୀଳଗିରି, ୨୭।୪(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଅଧୀନ ସଜନାଗଡ଼ ପଞ୍ଚାୟତର ଭାଲୁକାଶୁଣି ଗ୍ରାମର ସ୍ୱର୍ଗତ ରବିନ୍ଦ୍ର ସିଂ, ସ୍ତ୍ରୀ ବିଣାପାଣିଙ୍କ ଗୋଟିଏ ପରିବାରର ୪ ବଖରା ଘର ସୋମବାର ଜଳିଯାଇଛି। ଘରେ ଥିବା ଧାନ, ଚାଉଳ, ଟଙ୍କା ସମେତ ସମସ୍ତ ଆସବାବପତ୍ର ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନୀଳଗିରି ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ି ନ



ଥିଲେ ବି ପ୍ରାଥମିକ ତଦନ୍ତରୁ ସର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତେବେ କ୍ଷତିଗ୍ରସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବା ଯୋଗୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

## ‘ଭାବ ଭକତି’ ପୁସ୍ତକ ଲୋକାର୍ପିତ

ବାଲିଆପାଳ, ୨୭।୪(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ରବିବାର ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଦେବେନ୍ଦ୍ର ଅଣ୍ଡିଆଙ୍କ ପୁସ୍ତକ ‘ଭାବ ଭକତି’ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ପରିଷଦ ପକ୍ଷରୁ ଅନୁଷ୍ଠିତ ମାସିକ ବୈଠକରେ ସଦସ୍ୟମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ପରିଷଦର ଉପସଭାପତି ପୂର୍ଣ୍ଣଚନ୍ଦ୍ର ରାଜ, ବରିଷ୍ଠ ଅଧ୍ୟକ୍ଷ ଡ. କୁଞ୍ଜକାନ୍ତ ପାତ୍ର ଓ ସମ୍ପାଦକ ବଙ୍କିମ ଚନ୍ଦ୍ର ଜେନା ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ, ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ସାହିତ୍ୟିକ ଡ. ବିଜୟ କୁମାର ଦେ ପୁସ୍ତକର ସମୀକ୍ଷା କରିଥିଲେ। ଲେଖକ ଦେବେନ୍ଦ୍ର ନିଜ ଜୀବନର ସାହିତ୍ୟିକ ଓ କବିପ୍ରାଣ ବିଷୟିକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। କବି ସନ୍ନ୍ୟାସୀ ବେହେରା, ରାଜକୃଷ୍ଣ ପାତ୍ର, ବିଜୟ ପାତ୍ର, ବୀର ମାଧବ ଦାସ, ଶ୍ରୀହରି ମଣ୍ଡଳ, ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ ଗିରି, ବେଣୁଧର ମଣ୍ଡଳ, କାର୍ତ୍ତିକ ରାଉତ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ଗାୟକ ଶଙ୍କର୍ଷଣ ପରିଡ଼ା ଉଦ୍‌ଘାଟନୀ ଭକ୍ତି ସଂଗୀତ ଗାନ କରିଥିଲେ।

## ଟ୍ରକ୍‌କୁ ଧକ୍କା ଦେଲା କାର୍, ଜଣେ ମୃତ

ଗାନ୍ଧିଛକ/ବସ୍ତା,୨୭।୪ (ଦିଲୀପ ପଣ୍ଡା/ହରିଶଙ୍କର ପାଢ଼ୀ): ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଳେଶ୍ୱର ଥାନା ଅଧୀନ ଶାଳୀକୁଠା ଗ୍ରାମର ବାପି ପଣ୍ଡାଙ୍କ ପୁଅ ସାଗର(୩୦)। ସୂଚନା ଅନୁଯାୟୀ, ବାଲେଶ୍ୱର ପଟୁ ଜଳେଶ୍ୱର ଅଭିମୁଖେ ଆସୁଥିବା କାର୍ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭରଙ୍କ ପାର୍ଶ୍ୱରେ ବସିଥିବା ସାଗରଙ୍କର ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ‘ମନୋଜ ଦାସ ଥିଲେ ବିଶ୍ୱ ମାନବୀୟ ଚେତନାର ଦୀପଶିଖା’

ଭୋଗରାଇ,୨୭।୪ (ପ୍ରଦୀପ ଦାସ): ବିଶ୍ୱ ସୃଜନଶୀଳ ଆଗ୍ନେୟ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ପଦ୍ମଭୂଷଣ ଡ଼ଃ ମନୋଜ ଦାସ। ସାହିତ୍ୟ ଦର୍ଶନ ଓ ଆଧ୍ୟାତ୍ମିକବାଦ ସର୍ଜନାର ସେଥିଲେ ବିଶ୍ୱ ମାନବୀୟ ଚେତନାର ଦୀପଶିଖା। ତାଙ୍କ ନିଷ୍ଠା, ତ୍ୟାଗ ଓ ଆଦର୍ଶ ଭବିଷ୍ୟତ ପିଢ଼ି ପାଇଁ ନୂତନ ଉନ୍ମାଦନା ସୃଷ୍ଟି କରିଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମ ମନ୍ମଥ, ମନୋଜ ସ୍ମାରକୀ ସଭାଗୃହରେ ସୋମବାର ରାଜ୍ୟ ସାହିତ୍ୟ ଏକାଡେମୀ ଓ ମନ୍ମଥ-ମନୋଜ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଡ଼. ମନୋଜ ଦାସଙ୍କ ରାଜ୍ୟସ୍ତରୀୟ ୫ମ ଶ୍ରାଦ୍ଧବାର୍ଷିକୀରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଥିଲେ।

ଏହି ଅବସରରେ ଡ. ମନୋଜ ଦାସ ଓ ବଡ଼ଭାଇ ଐତିହାସିକ ଡ. ମନ୍ମଥ ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ସକାଳେ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ମାଲ୍ୟାର୍ପଣ କରିଥିଲେ। ପରେ ପୂର୍ବତନ ବିଧାୟକ ତଥା ମନ୍ମଥ ମନୋଜ ଫାଉଣ୍ଡେଶନର ସଭାପତି ସୁଶାନ୍ତ ଚାନ୍ଦଙ୍କ ପୌରହିତ୍ୟରେ ଏକ ବୌଦ୍ଧିକ ଆଲୋଚନାଚକ୍ର କରାଯାଇଥିଲା। ଫାଉଣ୍ଡେଶନର ସମ୍ପାଦକ ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ଯୁବ ସାହିତ୍ୟିକ ସୁଶାନ୍ତ ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଅତିଥିଭାବେ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସୁସାହିତ୍ୟିକ ନିରଞ୍ଜନ ପାଢ଼ୀ, ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟିକା ପ୍ରବୀଣା ମହାନ୍ତି, ସମ୍ମାନିତ ଅତିଥି ମନ୍ମଥ-ମନୋଜ ଫାଉଣ୍ଡେଶନ ପରିବାର ସଦସ୍ୟ ରଞ୍ଜିତା ଦାସ, ସାରସ୍ୱତ ସାଧକ ଡ. ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନର ଅନ୍ୟତମ ସଦସ୍ୟ ଶାଶ୍ୱତ ଜେନା ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରବନ୍ଧ, କବିତା ପାଠୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଜାମୁଝାଡ଼ି ସେବା ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ସିମୁଳିଆ,୨୭।୪(ସନ୍ତୋଷ କୁମାର ନାୟକ): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନଙ୍କ ରବି ଋତୁ ଧାନ ବିକ୍ରୟର ଅନଲାଇନ ପଞ୍ଜୀକରଣ ବିଭାଗ ବନ୍ଦ ରଖିଛି। ଏହାକୁ କେନ୍ଦ୍ରକରି ଚାଷୀମାନେ ସୋମବାର ପୂର୍ବାହ୍ନ ୧୦ଟାରୁ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ଅପରାହ୍ନ ରେ ବାଲେଶ୍ୱର ଏଆର୍‌ସିଏସ୍ ଏକାଦଶୀ ଦାସ ଧାରଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ହେଁ ଧାରଣାକାରୀମାନେ ଜିଦରେ ଅଟଳ ରହିବା ସହିତ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଥିଲେ। ଅନଲାଇନ ପ୍ରକ୍ରିୟା ଆରମ୍ଭ ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି।

ଏସମ୍ପର୍କରେ ସମବାୟ ସମିତିର ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ ଜାମୁଝାଡ଼ି ସେବା ସମବାୟ ସମିତିର



ଧାରଣାରତ ଚାଷୀମାନେ।

ସମ୍ପାଦକ ରୂପେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ପ୍ରଶାସନ ମାର୍କୋଣା ସେବା ସମବାୟ ସମିତିର ପେଡ଼ି ପରଚେଞ୍ଜିଂ ଅଫିସର ରୂପେ ମଧ୍ୟ ଦାୟିତ୍ୱ ଦିଆଯାଇଛି। ତେଣୁ ଦୁଇଟି ଦାୟିତ୍ୱ ତୁଲାଇବା ସମ୍ଭବ ପର ହେଉ ନ ଥିବା ସମ୍ପର୍କରେ ସେ ଗତ ଜାନୁୟାରୀ ୫ରେ ଏଆର୍‌ସିଏସ୍‌ଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଏଆର୍‌ସିଏସ୍ ଏକାଦଶୀ ଦାସଙ୍କ ସୂଚନା ଅନୁସାରେ, କର୍ମଚାରୀ ଅଭାବ ଯୋଗୁ ଜାମୁଝାଡ଼ି ସମ୍ପାଦକଙ୍କୁ ଦୁଇଟି ଦାୟିତ୍ୱ ଦିଆଯାଇଛି। ତେଣୁ ଅନଲାଇନ କାର୍ଯ୍ୟ ଠିକ୍ ସମୟରେ କରାଯାଇ ପାରିନାହିଁ। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପରବର୍ତ୍ତୀ ସମୟରେ ସମସ୍ୟାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଧାରଣାରତ ଚାଷୀମାନେ ପୂର୍ବରୁ ଜିଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ ।

# ଦେଶୀ ମଦ ଜବତ, ଜଣେ ଗିରଫ

ବାରିପଦା,୨୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଇନ୍ଦପାହି କେନାଲ ଛକ ନିକଟରୁ ପୋଲିସ ଚଢ଼ାଉ କରି ବିପୁଳ ଦେଶୀ ମଦ ଜବତ କରିଛି । ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ଖବରପାଇ ପୋଲିସ ଏକ ପିକ୍‌ଅପ୍ ଭ୍ୟାନରୁ ୨୬୫୦ ଲିଟର ଦେଶୀ ମଦ ଜବତ ସହ ଗାଡ଼ିକୁ ଜବତ କରିଛି। ଚୋରା ମଦ ଚାଲାଣ ଅଭିଯୋଗରେ ଜଣକୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଜଗଦୀଶ ପ୍ରଧାନ। ସୂଚନାଯୋଗ୍ୟ, ଏକ ଦେଶୀ ମଦ ବୋଝେଇ ପିକଅପ ଗାଡ଼ି ଶନିବାର ବିଳମ୍ବିତ ରାତିରେ ବାରିପଦା ପଟୁ ଶୁଳିଆପଦା ଦେଇ ପଶ୍ଚିମବଙ୍ଗ ଯାଉଥିଲା। ବାରିପଦା ସଦର ପୋଲିସ ରଜାବସା ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଏ ବାବଦରେ ଖବର ପାଇ ଇନ୍ଦପାହି କେନାଲ ଛକ ନିକଟରେ ଗାଡିଟିକୁ ଅଟକାଇ ଥିଲେ। ଗାଡ଼ି ଯାଞ୍ଚ ବେଳେ ସେଠାରୁ ୫୩ ଗୋଟି ବସ୍ତାରେ ୨୬୫୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ଏନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ପାଣି ପାଇଁ ଜନଶୁଣାଣି ଶିବିର ଆଗରେ ଧାରଣା

ଉଦଳା,୨୭।୪(ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳାଠାରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଚାଲିଥିବା ବେଳେ ଶୁଦ୍ଧ ପାନୀୟ ଜଳ ପାଇଁ ସଂଘର୍ଷ କରି ନିରାଶ ହୋଇଥିବା ଗ୍ରାମବାସୀମାନେ ନିଆରା ଢଙ୍ଗରେ କରିଛନ୍ତି ପ୍ରତିବାଦ। ଜନଶୁଣାଣି ଶିବିର ସମ୍ମୁଖରେ ହାତରେ ଗରା ବାଲ୍‌ଟି ଧରି ଗ୍ରାମର ଶତାଧିକ ମହିଳା ଧାରଣାରେ ବସିଥିଲେ।

ଅଭିଯୋଗ ଅନୁଯାୟୀ, କପ୍ତିପଦା ବ୍ଲକ୍ ଗଡ଼ସାହି ୬ ନମ୍ବର ୱାର୍ଡରେ ବସବାସ କରୁଥିବା ୭୦ରୁ ଅଧିକ ପରିବାର ପାଇଁ ଶୁଦ୍ଧ ପାନୀୟଜଳ ବୁନ୍ଦାଏ ସାତ ସପନ ପାଲଟିଛି। କାହିଁକି ନା ଗ୍ରାମରେ ଥିବା ଗୋଟିଏ ନଳକୂପରୁ ଅଳ୍ପ ପାଣି ବାହାରିଥାଏ ଏବଂ ଏହା ସହିତ ସେହି ପାଣିରୁ ଆବର୍ଜନା ସହିତ ଜିଆ ମଧ୍ୟ ବାହାରିଥାଏ। ଯାହା ପିଇବା ଗ୍ରାମବାସୀଙ୍କ ପାଇଁ କଷ୍ଟକର। ଅନ୍ୟପଟେ ୱାଟକୋ ତରଫରୁ ଗ୍ରାମକୁ ପାନୀୟ ଜଳ ସଂଯୋଗ ଦିଆଯାଇଥିବା ବେଳେ ତାହା ମନମୁଖୀ ଭାବେ ପ୍ରଦାନ କରାଯାଉଛି। ଏଥିସହିତ ଉକ୍ତ ପାଣି ପାଇପରୁ କିଛି



ଧାରଣାରେ ବସିଥିବା ମହିଳାମାନେ।

ପରିବାର ମେଶିନ ଲଗାଇ ଅଧିକ ପାଣି ନେଉଥିବାରୁ ଗ୍ରାମର ଅନ୍ୟମାନେ ପାନୀୟ ଜଳ ବୁନ୍ଦାଏ ପାଇ ପାରୁନାହାନ୍ତି। ଯାହାକୁ ନେଇ ଗ୍ରାମବାସୀମାନେ ପୂର୍ବରୁ ଅନେକ ଥର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ସୁଦ୍ଧା କେହି ତାହା ନ ଶୁଣିବାରୁ ଶେଷରେ ସୋମବାର ଗ୍ରାମବାସୀମାନେ ଚରମ ନିଷ୍ପତ୍ତି ନେଇଥିଲେ। ଗ୍ରାମର ମହିଳାମାନେ ହାତରେ ଗରା, ବାଲ୍‌ଟି ଧରି ଜିଲାପାଳଙ୍କ ଜନଶୁଣାଣି ଶିବିର ପ୍ରକୋଷ୍ଠ ସମ୍ମୁଖରେ ସୋମବାର ସକାଳ ୯ଟା ସମୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଥିଲେ। ତେବେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହିତ କପ୍ତିପଦା ବିଡିଓ ଖୁବଶୀଘ୍ର ଏହାର ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ। ତେବେ ଯଦି ଏହି ପାନୀୟ ଜଳ ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଆନ୍ଦୋଳନକାରୀ ସରସ୍ୱତୀ ଦଳେଇ, ନମିତା ବେହେରା, ଚାରୁଲତା ଦାସ, ସତ୍ୟଭାମା ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୧୪୮ ଅଭିଯୋଗର ହେଲା ଶୁଣାଣି

ଉଦଳା,୨୭।୪(ସନ୍ତୋଷ କୁମାର ବାଞ୍ଛିନୀ)

କପ୍ତିପଦା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୟୂରଭଞ୍ଜର ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୪୮ଟି ଅଭିଯୋଗର ଶୁଣାଣିକରିଛନ୍ତି। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଧି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୧୩୨ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୬ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୬ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣକୁ ୫ ହଜାର ଲେଖାଏଁ ୧୦ ଜଣଙ୍କୁ ମୋଟ ୫୦ ହଜାର ଟଙ୍କାର ଚେକ ପ୍ରଦାନ ନିମେନ୍ତ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ପ୍ରେରଣ କରାଯାଇଛି ।

# ଜିଲାପାଳ, ଏସ୍‌ପିଙ୍କୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗର ନୋଟିସ

## କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

ବାରିପଦା,୨୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟଖାଇ ପଞ୍ଚମ ଶ୍ରେଣୀର ଜଣେ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ତଦନ୍ତ ଆରମ୍ଭ କରିଛି। ବିଜୁ ଜନତା ଦଳର ରାଜ୍ୟ ପ୍ରବକ୍ତା ଡ. ପ୍ରିୟବ୍ରତ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଉପରେ ଆୟୋଗ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ମୟୂରଭଞ୍ଜ ଜିଲାପାଳ, ଏସପି ଏବଂ ଓଡ଼ିଶା ସରକାରଙ୍କ ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗକୁ ନୋଟିସ ଜାରି କରାଯାଇଛି। ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଘଟଣାର ତଥ୍ୟ, ନିଆଯାଇଥିବା ପଦକ୍ଷେପ ଏବଂ ଅନ୍ୟାନ୍ୟ ସୂଚନା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସମୟ ମଧ୍ୟରେ ଉତ୍ତର ନ ମିଳେ, ଆୟୋଗ ସିଭିଲ କୋର୍ଟର କ୍ଷମତା ପ୍ରୟୋଗ କରି ସମନ ଜାରି କରିପାରେ କୁହାଯାଇଛି। ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିର୍ଦ୍ଦେଶକ ଡ. ପି କଲ୍ୟାଣ ରେଡ୍ଡୀଙ୍କ ସ୍ୱାକ୍ଷରରେ ନୋଟିସ ଜାରି ହୋଇଥିବା ବେଳେ ଏହାର ପ୍ରତିଲିପି ଡ଼ ମାଝୀଙ୍କୁ ମଧ୍ୟ ପଠାଯାଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୧୪ ତାରିଖରେ ବିଦ୍ୟାଳୟରେ ପ୍ରସ୍ତୁତ ଖାଦ୍ୟ (ପଖାଳ, ଆଳୁମସଲା ଏବଂ ଆମ୍ବ ଚଟଣୀ) ଖାଇବା ପରେ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇଥିଲେ। ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀ ରୂପାଲି ବେସ୍ରାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଓଡ଼ିଶା ସରକାର ତଦନ୍ତ ଆରମ୍ଭ କରିଥିବା ସହ ମୃତ ଛାତ୍ରୀଙ୍କ ପରିବାରକୁ ୭ଲକ୍ଷ ଟଙ୍କା ଅର୍ଥ ସହାୟତା ଘୋଷଣା କରିଥିଲେ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା ।ଏହାର ଆରଡିସି ତଦନ୍ତ ମଧ୍ୟ ଚାଲିଛି। ତେବେ ଏହି ଘଟଣା ଆଦିବାସୀ ଛାତ୍ରଛାତ୍ରୀଙ୍କ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଖାଦ୍ୟ ଗୁଣବତ୍ତା ଏବଂ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ମଧ୍ୟ ଏହି ଘଟଣାରେ ସ୍ୱତଃପ୍ରବୃତ୍ତ ହୋଇ ରିପୋର୍ଟ ମାଗିଛି। ଆୟୋଗର ଏହି ନୋଟିସ ଘଟଣାର ତଦନ୍ତକୁ ଆହୁରି ଗତି ଦେବ ବୋଲି ଆଶା କରାଯାଉଛି। ସମସ୍ତ ସମ୍ପୃକ୍ତ ଅଧିକାରୀ ଏବଂ ବିଭାଗକୁ ଶୀଘ୍ର ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସନ୍ଦେହଜନକ ସ୍କର୍ପିଓକୁ ଥାନାକୁ ଆଣି ଛାଡ଼ିଦେଲା ପୋଲିସ

ମୋରଡ଼ା,୨୭।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚୁକପଲାସିଆ ନିକଟରେ ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ଚାଲିଥିବା ନାକା ଚେକିଂ ସମୟରେ ଏକ ପଶ୍ଚିମବଙ୍ଗ ନମ୍ବର ଥିବା ସ୍କର୍ପିଓରେ ପାଞ୍ଚ ଜଣ ଯୁବକ ମଦ୍ୟପାନ କରି ଗାଡି ଚଲାଇ ଆସୁଥିଲେ। ଏଏସଆଇ ମୀନକେତନ ପ୍ରଧାନ ଉକ୍ତ ଗାଡି ସହିତ ଯୁବକମାନଙ୍କୁ ଥାନାକୁ ନେଇ ଆସିଥିଲେ। ଥାନା ଅଧିକାରୀ ସୁମିତ କୁମାର ସୋରେନ ତାଙ୍କୁ ଦୀର୍ଘ ତିନି ଘଣ୍ଟା ଥାନାରେ ଅଟକ ରଖି ପଚରାଉଚରା କରିଥିବା ବେଳେ ପରେ ଗାଡ଼ି ସହ ସେମାନଙ୍କୁ ଛାଡି ଦେଇଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏ ସମ୍ପର୍କରେ ଥାନା ଅଧିକାରୀ ସୋରେନଙ୍କୁ ପଚାରିବାରୁ ଗାଡ଼ିରେ ଥିବା ପାଞ୍ଚ ଜଣ ଯୁବକଙ୍କ ମଧ୍ୟରୁ ଚାରିଜଣ ମଦ୍ୟ ପାନ କରି ଯୁକ୍ତିତର୍କ କରିଥିଲେ ଏବଂ ସନ୍ଦେହ ହେବାରୁ ଥାନାକୁ ଆଣିଥିଲେ । ତେବେ ସ୍କର୍ପିଓ ଡ୍ରାଇଭର ମଦ୍ୟ ପାନ କରି ନ ଥିଲେ। ତେଣୁ ଗାଡି ସହିତ ସମସ୍ତ ଯୁବକଙ୍କୁ ଛାଡି ଦିଆଯାଇଛି ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯଦି ଭୁଲ ଥାଇ ଏଏସଆଇ ପ୍ରଧାନ ସେମାନଙ୍କୁ ଥାନାକୁ ଆଣିଥିଲେ ତେବେ କିପରି ଥାନା ଅଧିକାରୀ ଛାଡିଦେଲେ ତାହା ତଦନ୍ତ ସାପେକ୍ଷ। ଥାନା ସିସିଟିଭି ଫୁଟେଜ ଯାଞ୍ଚ କଲେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ବାରିପଦାରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ

ବାରିପଦା,୨୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଗୋ-ମାତାଙ୍କୁ ଉଚିତ ସମ୍ମାନ, ସୁରକ୍ଷା ଓ ସେବା ଯୋଗାଇଦେବା ଲକ୍ଷ୍ୟରେ ସୋମବାର ବାରିପଦା ସହରରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋ-ମାତାଙ୍କୁ 'ରାଷ୍ଟ୍ରମାତା' ଭାବେ ଘୋଷଣା କରିବା ସହ ଦେଶରେ ସଂପୂର୍ଣ୍ଣ ଗୋ-ହତ୍ୟା ନିଷେଧ କରିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଦାବି କରାଯାଇଛି। ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରୁ ଶତାଧିକ ଗୋ-ପ୍ରେମୀଙ୍କ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ କମିଟିର କର୍ମକର୍ତ୍ତାମାନେ ରାଷ୍ଟ୍ରପତି





ଅଭିଯାନରେ ସାମିଲ ଗୋ ପ୍ରେମୀମାନେ।

ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାରିପଦା ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଅଭିଯାନ କମିଟି ପକ୍ଷରୁ ଆନ୍ଦୋଳନର ତିନୋଟି ମୁଖ୍ୟ ବିଷୟ ଉପସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ତଥା ଆଖପାଖ ଅଞ୍ଚଳର ବହୁ ଗୋ-ସେବକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଗୋ-ମାତାଙ୍କ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ।

# କ୍ରିକେଟ ଖେଳିବାକୁ ଯାଇ ନାବାଳକ ନିଖୋଜ

ବୈଶିଙ୍ଗା,୨୭।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମର ଜଣେ ନାବାଳକ ରବିବାର ଅପରାହ୍ନରେ କ୍ରିକେଟ ଖେଳିବାକୁ ଯାଇ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ଏହି ଗ୍ରାମର ଜନ୍ମେଜୟ ଦାସଙ୍କ ୧୬ ବର୍ଷିୟ ପୁଅ ଆଲୋକ ରବିବାର ଅପରାହ୍ନ ୩.୩୦ ସମୟରେ ଖେଳିବାକୁ ଯାଉଛି କହି ନିଜ ସାଇକେଲ ନେଇ ବାହାରି ଯାଇଥିଲେ। ହେଲେ ରାତି ପର୍ଯ୍ୟନ୍ତ ଆଉ ନ ଫେରିବାରୁ ସମସ୍ତ ସମ୍ପର୍କୀୟମାନଙ୍କୁ ଫୋନ କରି ଜଣାଇଥିଲେ ପରିବାର ଲୋକେ। ତେବେ କୌଣସି ସୂଚନା ନ ମିଳିବାରୁ ସୋମବାର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୧୬/୨୬) ରୁଜୁ କରିତଦନ୍ତ ଆରମ୍ଭ କରିଛି।

# ପଥର ବୋଝେଇ ହାଇୱା ଜବତ

ଉଦଳା,୨୭।୪(ସନ୍ତୋଷ କୁମାର ବାଞ୍ଛିନୀ)

ବେଆଇନ ପଥର ଖାଦାନରୁ ପଥର ଚୋରା ଚାଲାଣ ସମୟରେ ପଥର ବୋଝେଇ ହାଇୱାକୁ ଜବତ କରିଛି ବନ ବିଭାଗ। ରବିବାର ବିଳମ୍ବିତ ରାତିରେ କପ୍ତିପଦା ତହସିଲ ଅଧୀନ କାଲାଡାହି ଅଞ୍ଚଳରୁ ବେଆଇନ ପଥର ଉତ୍ତୋଳନ କରି ତାହାକୁ ଚୋରା ଚାଲାଣ କରାଯାଉଥିଲା। ଖବର ପାଇ ବିଳମ୍ବିତ ରାତିରେ ଉଦଳା ବନ ବିଭାଗ କପ୍ତିପଦା ବ୍ଲକର ଭାଲୁବସାଠାରେ ଚଢ଼ାଉ କରି ଏକ ହାଇୱା ଜବତ କରିଥିଲା। ଗାଡିର ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲେ। ଜବତ ହାଇୱାରେ ୫୦ ହଜାରରୁ ଅଧିକ ଟଙ୍କାର ପଥର ରହିଥିବା ବନ ବିଭାଗ ସୂଚନା ଦେଇଛି।

# ବିଡିଓଙ୍କ ନିଲମ୍ବନ ଆଦେଶକୁ ନେଇ ପ୍ରଶ୍ନବାଚୀ

ବେତନଟୀ,୨୭।୪(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ୍‌ରେ କାର୍ଯ୍ୟରତ ବିଡିଓ ସୁଶାନ୍ତ କୁମାର ସୁତାରଙ୍କୁ ରାଜ୍ୟ ସରକାର ଗତ ଏପ୍ରିଲ ୧୫ରେ ତାଙ୍କ କାର୍ଯ୍ୟରୁ ନିଲମ୍ବନ କରିଥିବା ଏକ ଚିଠି ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ସୋମବାର ବିଡିଓ ବ୍ଲକ କାର୍ଯ୍ୟାଳୟକୁ ଆସି ନ ଥିବା ବେଳେ ବ୍ଲକ କର୍ମଚାରୀମାନେ ବିଡିଓଙ୍କ ନିଲମ୍ବନ ଖବର ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଏଭଳିକି ବ୍ଲକର ଅଫିସିଆଲ ମେଲକୁ ମଧ୍ୟ ନିଲମ୍ବନ ଆଦେଶର ଚିଠି କିଛି ଆସିନାହିଁ ଓ ବିଡିଓଙ୍କୁ ମଧ୍ୟ ଏହି ଚିଠି ଦିଆଯାଇନାହିଁ ବୋଲି କର୍ମଚାରୀମାନେ କହିଛନ୍ତି। ଏହି ଚିଠିର ସତ୍ୟତାକୁ ନେଇ ବେତନଟୀ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଡିଓ ସୁତାର ୨୦୨୫ ଜାନୁଆରୀରେ ବେତନଟୀ ବ୍ଲକରେ ଯୋଗ ଦେଇଥିଲେ। ଏଠାରେ ଯୋଗଦାନ ପୂର୍ବରୁ ସେ ଭଦ୍ରକ ଜିଲା ଚାନ୍ଦବାଲିର ତହସିଲଦାର ଓ ଭାରପ୍ରାପ୍ତ ସବଟ୍ରେଜେରି ଦାୟିତ୍ୱ ତୁଲାଉଥିଲେ। ସେଠାରେ ସବଟ୍ରେଜେରି ଦାୟିତ୍ୱ ତୁଲାଉ ଥିବା ବେଳେ କୌଣସି ଏକ ବିଶୃଙ୍ଖଳାକୁ ନେଇ ରାଜ୍ୟ ସରକାର ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବେ ବେତନଟୀ ବିଡିଓ ପଦରୁ ନିଲମ୍ବିତ କରିଥିବା ଚିଠିରେ ସୂଚନା ରହିଛି। ଏହି ଚିଠି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଫିସ ଆଦେଶ ସଂଖ୍ୟା ୧୫୭୫୬ ବୋଲି ଉଲ୍ଲେଖ ରହିଛି। ଏହି ଚିଠିର ନକଲ ମେମୋ ନମ୍ବର ୧୫୭୫୭ ମୟୂରଭଞ୍ଜ ଜିଲାପାଳଙ୍କୁ ପ୍ରଦାନ ହୋଇଛି। ଅନ୍ୟ ଏକ ନକଲ ଚାନ୍ଦବାଲିର ପୂର୍ବତନ ସବ ଟ୍ରେଜେରି କାର୍ଯ୍ୟାଳୟ ଓ ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାରଙ୍କୁ ପ୍ରଦାନ ପାଇଁ ଆଦେଶ ହୋଇଛି। ସେହିଭଳି ମେମ ନମ୍ବର ୧୫୭୫୮ରେ ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପ୍ରଦାନ କରାଯାଇଥିବା ଚିଠିରୁ ଜଣାପଡ଼ିଛି। ଏହି ଖବର ସତ୍ୟତା ଜାଣିବା ପାଇଁ ମୟୂରଭଞ୍ଜ ଜିଲାପାଳ, ଜିଲାପରିଷଦର ସିଡିଓ, ସହକାରୀ ଜିଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ଜିଲା ଜରୁରୀ ବିଭାଗର ବିଶ୍ୱରଞ୍ଜନ ବିଶ୍ୱାସଙ୍କୁ ପଚାରିବାରୁ ସେ ଏବିଷୟରେ ଜାଣି ନ ଥିବା କଥା କହିଥିବା ବେଳେ ଚିଠିରେ ବାରକୋଡ୍ ନ ଥିବା କଥା କହିଥିଲେ। ସେହିଭଳି ରାଜ୍ୟସରକାରଙ୍କ ରାଜସ୍ୱ ବିଭାଗର ରାଜ୍ୟର ଜଣେ ବରିଷ୍ଠ ଅଧିକାରୀ ଏହି ଚିଠିର ସତ୍ୟତା ରହିଛି ଏହାର କପି ମୟୂରଭଞ୍ଜ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

# ମହିଳା ଭତ୍ତା ପାଇବାରୁ ବଞ୍ଚିତ



ବୁଧୁ ହେମ୍ବ୍ରମ।

ମୋରଡ଼ା,୨୭।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡଲି ପଞ୍ଚାୟତର କୁସୁମକୁଟି ଗ୍ରାମ ୧୪ ନମ୍ବର ୱାର୍ଡର ବିଧବା ମହିଳା ବୁଧୁ ହେମ୍ବ୍ରମ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ତାଙ୍କ ସ୍ୱାମୀ ୧୫ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ ସୁଦ୍ଧା ଅଦ୍ୟାବଧି ସେ ବିଧବା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ବୁଧୁ ତାଙ୍କ ପୁଅ ବୋହୂ, ନାତିଙ୍କୁ ନେଇ ଏକ ଭଙ୍ଗା ଘରେ ରହୁଛନ୍ତି। ଚାଳ ଘରରୁ ପାଣି ପଡୁଥିବାରୁ ପଲିଥିନ ଟାଣି ରହୁଛନ୍ତି। ସେହିପରି ସରକାରୀ ଘର ଖଣ୍ଡେ ପାଇଁ ବାରମ୍ବାର ଆବେଦନ ସତ୍ତ୍ୱେ ମଧ୍ୟ ଘର ମଧ୍ୟ ମିଳିନାହିଁ। ଏନେଇ ବିଡିଓ ଅଣାକାର ନାୟକଙ୍କୁ ପଚାରିବାରୁ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଜନ ଆକ୍ରୋଶ ମହିଳା ସମାବେଶ





ପଦଯାତ୍ରାରେ ସାମିଲ ମହିଳାମାନେ।

## ୫ ହଜାର ମହିଳାଙ୍କ ବିଶାଳ ପଦଯାତ୍ରା

ବାରିପଦା,୨୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦା ସହରରେ ସୋମବାର ନାରୀଶକ୍ତି ଏକାଠି ହୋଇଥିବା ଦେଖିବାକୁ ମିଳିଛି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଓ ରାଜନୈତିକ ସଶକ୍ତିକରଣ ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଐତିହାସିକ ନିଷ୍ପତ୍ତିକୁ ସମର୍ଥନ ଜଣାଇବା ସହ ବିରୋଧୀ କଂଗ୍ରେସ ଓ ବିଜେଡିର 'ମହିଳା ବିରୋଧୀ' ମନୋଭାବ ବିରୋଧରେ ଏକ ବିଶାଳ 'ଜନ ଆକ୍ରୋଶ ମହିଳା ସମାବେଶ' ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମଧୁବନ ପଡ଼ିଆଠାରୁ ଏହି ବିଶାଳ ରାଲିରେ ପ୍ରାୟ ୫ ହଜାରରୁ ଅଧିକ ମହିଳା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। 'ଦେଖିବ ଦୁନିଆ, ଲଢ଼ିବେ ନାରୀ' ଏବଂ 'ନାରୀ ସମୃଦ୍ଧି-ଦେଶ ପ୍ରଗତି' ଭଳି ସ୍ଲୋଗାନ ଦେଇ ସହର ପରିକ୍ରମା କରି ଛଉ ପଡ଼ିଆଠାରେ ପହଞ୍ଚିବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସମାବେଶରେ ମହିଳା ସଂରକ୍ଷଣ ବିଲ୍ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ସମାବେଶରେ ଯୋଗ ଦେଇଥିବା ବକ୍ତାମାନେ କଂଗ୍ରେସ ଓ ବିଜେଡି ଉପରେ ବର୍ଷିଥିଲେ। ମହିଳାମାନଙ୍କୁ ସମ୍ମୁଖକୁ ଆଣିବା ପରିବର୍ତ୍ତେ ଏହି ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ରାଜନୀତି କରି 'ପଛରୁ ଛୁରୀ ମାରିଛନ୍ତି' ବୋଲି ସମାବେଶରେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଏହାର ଜବାବ ନାରୀଶକ୍ତି ନିଶ୍ଚୟ ଦେବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ ସମେତ ଭାଜପାର ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମହିଳାମାନଙ୍କ ମନୋବଳ ବୃଦ୍ଧି କରିଥିଲେ।

# ଡାକ୍ତରଖାନାରେ ଅବ୍ୟବସ୍ଥାକୁ ନେଇ ଧାରଣା



ଧାରଣାରେ ବସିଥିବା ଶ୍ରୀରାମ ସେବା ଟ୍ରଷ୍ଟର ସଦସ୍ୟମାନେ।

ଉଦଳା,୨୭।୪(ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ମେଡିକାଲର ଅବ୍ୟବସ୍ଥାକୁ ନେଇ ତାତିଲେ ଅଞ୍ଚଳବାସୀ। ଶ୍ରୀରାମ ସେବା ଟ୍ରଷ୍ଟ ପକ୍ଷରୁ ନିଆରା ତରିକାରେ ମେଡିକାଲ ସାମ୍ନାରେ ଧାରଣା ଦିଆଗଲା। ଉଦଳାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି, ମେଡିକାଲରେ ଥିବା ଲିଫ୍ଟ ଅଚଳ ହୋଇ ରହିବା, ପାନୀୟ ଜଳ ସମସ୍ୟା, ଅନେକ ସମୟରେ ରୋଗୀ ଏବଂ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରାଯିବା, ସିନିୟର ଡାକ୍ତରଙ୍କ ବଦଳରେ ଜୁନିୟର ଡାକ୍ତର ମେଡିକାଲରେ ରୋଗୀ ଦେଖିବା, ଅନେକ ସମୟରେ ରୋଗୀ ଦେଖାରେ ଅବହେଳା କରି ରୋଗୀଙ୍କୁ ବାରମ୍ବାର ରେଫର କରାଯିବା ଏଭଳି ଅନେକ ସମସ୍ୟାକୁ ନେଇ ସୋମବାର ଶ୍ରୀରାମ ସେବା ଟ୍ରଷ୍ଟର କାର୍ଯ୍ୟକର୍ତ୍ତାମାନେ ଉଦଳା ମେଡିକାଲ ସମ୍ମୁଖରେ ଧାରଣା ଦେଇଥିଲେ। ଦାବିଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ସହକାରୀ ଜିଲାପାଳ ପ୍ରତୀକ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ସୋର,(ଜନ୍ମେଜୟ ମିଶ୍ର) : ସୋର ଥାନା କେଶରିପୁର ପଞ୍ଚାୟତ ଶାଳଚୁଆ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ରବିବାର ରାତିରେ ଏକ ଦନ୍ତାହାତୀ ଗ୍ରାମର ଅନୀଲ ମୁର୍ମୁଙ୍କ ଘର ପାଖ ବାଡିରେ ପଶି କଦଳୀ ଗଛ ଖାଉଥିଲା। ଅନୀଲ ଏହା ଦେଖି ହାତୀକୁ ଘଉଡାଇବା ସମୟରେ ହାତୀଟି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଅନିଲ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



## ଶିଶୁପୁତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସୋର,୨୭।୪ (ଜନ୍ମେଜୟ ମିଶ୍ର) : ସୋର ଥାନା ସବିରା ପଞ୍ଚାୟତ ଦାଣ୍ଡ ପଳସା ଗ୍ରାମରେ ଜଣେ ଦୁଇ ମାସର ଶିଶୁପୁତ୍ରର ସନ୍ଦେହଜନକ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ଏହି ଗ୍ରାମର ଶରତ ନାୟକଙ୍କ ଦୁଇ ମାସର ଶିଶୁ ପୁତ୍ର କ୍ରିଭାଂଶକୁ ଛାଡି ମାଆ ଶୌଚ ହେବାକୁ ଯାଇଥିଲେ। ସେଠାରୁ ଫେରିବା ପରେ କ୍ରିଭାଂଶ ସ୍ଥିର ହୋଇ ଶୋଇଥିବା ଦେଖି ତାକୁ ଉଠାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ନ ଉଠିବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ଖବର ପାଇ ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଡାକ୍ତରଙ୍କ ପରାମର୍ଶରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି।

# 'ପାରମ୍ପରିକ ଲୋକବିଦ୍ୟା ଓଡ଼ିଶାର ପ୍ରକୃତ ପରିଚୟ'

### ଭଦ୍ରକ ବୈଶାଖୀ ମେଳାର ୨ୟ ସନ୍ଧ୍ୟା

ଭଦ୍ରକ,୨୭।୪(ସନାତନ ରାଉତ)



ବୈଶାଖୀ ମେଳାର ୨ୟ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସଂସ୍କୃତି ହେଉଛି ମଣିଷ ଜାତିର ଜୀବନରେଖା ଓ ଲୋକବିଦ୍ୟା ହେଉଛି ତା'ର ମୂଳଭିତ୍ତି। ମାଟିର ଐତିହ୍ୟକୁ ସାଉଁଟି ରଖିବା ଏବଂ ଆଧୁନିକତା ମଧ୍ୟରେ ହଜିଯାଉଥିବା ଲୋକବିଦ୍ୟାକୁ ପୁନର୍ଜୀବିତ କରିବା ଅବଶ୍ୟମ୍ଭାବୀ ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମ୍ ପରିସରରେ ଚାଲିଥିବା ବୈଶାଖୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାମାଜିକ କର୍ମୀ ଇଂ. ଅଖିଳ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ରାଜକିଶୋର ସାହୁ ଯୋଗଦେଇ ଭଦ୍ରକ ମାଟି କଳା, ସଂସ୍କୃତି ଓ ଐତିହ୍ୟର ପୀଠସ୍ଥଳୀ ଓ ଏଭଳି ମେଳା ଲୋକକଳାକୁ ଉଦ୍‌ଜୀବିତ କରିବ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଆମ ପାରମ୍ପରିକ ଲୋକବିଦ୍ୟା ହିଁ ଓଡ଼ିଶାର ପ୍ରକୃତ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଗଦାଧର ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବସୁମିତ୍ରା ସାହୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଶିକ୍ଷାବିତ୍ ରବିନାରାୟଣ ପଣ୍ଡା, ନାରାୟଣ ସାହୁ, ବିପ୍ଳବ ହୋତା, ଗୀତାରାଣୀ ଆଇଚ, ଆଇନଜୀବୀ ସଞ୍ଜୟ ମାଝୀ, ଲକ୍ଷ୍ମୀକାନ୍ତ ବାରିକ, ଡା. ଦୁର୍ଯ୍ୟୋଧନ ଦାସ, ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, ବାବୁଲାଲ ଦାସ, ପଦ୍ମନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶରତ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଖଣ୍ଡଳମଣିଙ୍କୁ ଦର୍ଶନ ପାଇଁ ୨୦୦ କି.ମି. ସାଇକେଲ ଯାତ୍ରା



ସାଇକେଲରେ ଯାତ୍ରା କରି ଆରଡ଼ିରେ ପହଞ୍ଚିବା ଅବସରରେ ମୟୂରଭଞ୍ଜ ଜିଲାର ୪ ଶ୍ରଦ୍ଧାଳୁ।

ଧୁଷୁରୀ,୨୭।୪(ଦୀପ୍ତିରଞ୍ଜନ ନାୟକ)

ମୁଖରେ ଓଁ ନମଃ ଶିବାୟ ଧ୍ୱନି। ହୃଦୟରେ ଅଦମ୍ୟ ଇଚ୍ଛା ଆଉ ମନରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବାର ଆକାଂକ୍ଷା। ଜଣା ପଡ଼ିଲାନି ବାଟ। ୧୩ ଘଣ୍ଟାରେ ୨୦୦ କି.ମି.ରୁ ଅଧିକ ପଥ ସାଇକେଲରେ ଯାତ୍ରା। ତା'ପରେ ମିଳିଲା ବାବାଙ୍କ ଦର୍ଶନ। ସୋମବାର ପ୍ରାତଃ ୫ଟାରେ ନିଜ ଗ୍ରାମକୁ ଫେରିବା ବାଟରେ ଏଭଳି ଅନୁଭୂତି ବଖାଣିଛନ୍ତି ମୟୂରଭଞ୍ଜ ଜିଲା କପ୍ତିପଦା ସୁଲଗଡିଆ ଗାଁର ୭୪ ବର୍ଷୀୟ ଜୟନ୍ତ ନାୟକ, ତାଙ୍କ ସାଙ୍ଗରେ ଆସିଥିବା ଇନ୍ଦ୍ରଜିତ ମେରିଡିଆନ, ଜହ୍ନ ବିନ୍ଧାଣୀ ଓ ସୁରଜ ନାୟକ। ରବିବାର ଭୋର ୪ଟାରେ ସେମାନେ ୪ଟି ସାଇକେଲରେ ଯାତ୍ରା କରି ସନ୍ଧ୍ୟା ୫ଟାରେ ବାବାଙ୍କ ପୀଠ ଆରଡ଼ିରେ ପହଞ୍ଚିଥିଲେ। ପୀଠରେ ସ୍ନାନକୃତ୍ୟ ସମ୍ପନ୍ନ କରି ସନ୍ଧ୍ୟାରେ ବାବାଙ୍କର ଅପୂର୍ବ ବଡ଼ସିଂହାର ବେଶ ଦର୍ଶନ କରିଥିଲେ। ପରେ ସେମାନେ ପୀଠରେ ରାତ୍ରିଯାପନ କରିଥିଲେ। ବୈଶାଖ ମାସର ପ୍ରଚଣ୍ଡ ଖରାରେ ସେମାନେ ପ୍ରଭୁଙ୍କୁ ଦର୍ଶନ କରିଥିବାରୁ ସ୍ଥାନୀୟ ଆରଡ଼ି ଅଞ୍ଚଳରେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଟାଣ ଖରାରେ ତାଳସଜ ବେପାର ଜମୁଛି

କେନ୍ଦୁଝର,୨୭।୪(ଦୀପକ ମିଶ୍ର)



ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ କେନ୍ଦୁଝରରେ ଟାଣ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ୪୦ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ କରାଯାଇଛି। ଏହି ଗରମ ସମୟରେ କେନ୍ଦୁଝରରେ ଆଖୁରସ, ପଇଡ଼, ତରଭୁଜ ଓ ତାଳସଜ ବ୍ୟବସାୟ ବେଶ ଜମୁଥିବା ପରିଲକ୍ଷିତ ହେଉଛି। ସ୍ୱତନ୍ତ୍ରଭାବେ ତାଳସଜ ବିକ୍ରି ସ୍ଥାନରେ ଭିଡ଼ ଅଧିକ ହେଉଛି। କେନ୍ଦୁଝରର ବିଭିନ୍ନ ଛକରେ ବାହାର ଜିଲାରୁ ତାଳସଜ ଆଣି ବ୍ୟବସାୟୀମାନେ ଭଲ ୨ ପଇସା ରୋଜଗାର କରୁଥିବା କହିଛନ୍ତି। ଟାଉନ ଥାନା ନିକଟରେ ଥିବା ବିଜୁ ପଟ୍ଟନାୟକ ଛକ ନିକଟରେ ତାଳସଜ ବିକୁଥିବା ଯାଜପୁର ଜିଲାର ବ୍ୟବସାୟୀ ଅରୁଣ କୁମାର ବେହେରା ପ୍ରତିବର୍ଷ ଏହି ଗ୍ରୀଷ୍ମ ସମୟରେ ତାଳସଜ ଆଣି ବ୍ୟବସାୟ କରନ୍ତି। ଆସନ୍ତା ସାବିତ୍ରୀ ବ୍ରତ ପର୍ଯ୍ୟନ୍ତ ସେ ତାଳସଜ ବ୍ୟବସାୟ କରିବେ ବୋଲି କହିଛନ୍ତି। ଖରା ସିଜନରେ ତାଳସଜରୁ ଭଲ ବ୍ୟବସାୟ ହୋଇଥାଏ। ସେଥିରୁ ନିଜ ପରିବାର ଚଳାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ବରପଦାପାଳରେ ଖୋଲୁନି ଜଳଛତ୍ର

କେନ୍ଦୁଝର,୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଟପିଲା ବେଳେ ଗ୍ରୀଷ୍ମ ଓ ଅଂଶୁଘାତ ମୁକାବିଲା ପାଇଁ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ଜିଲା ପ୍ରଶାସନ ବ୍ଲକ୍ ପ୍ରଶାସନଙ୍କୁ କହିଛନ୍ତି। ସେହି ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଓ ଜନ ଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଏଥିପାଇଁ ଅର୍ଥ ବ୍ୟବସ୍ଥା ହୋଇଛି। କିନ୍ତୁ କେନ୍ଦୁଝର ସଦର ବ୍ଲକ୍ ବରଦାପାଳ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ପଞ୍ଚାୟତ ଅଧୀନରେ ତଳକମ୍ପଡ଼ିହୀ, ଉପରପମ୍ପଡ଼ିହୀ, ବରଦପଳ, ତଳକୁସୁମିତା, ଉପରକୁସୁମିତା ଆଦି ଗ୍ରାମ ରହିଥିବା ବେଳେ ୧୧ଟା ୱାର୍ଡ ରହିଛି। ଜଳଛତ୍ର ବିଭିନ୍ନ ଛକ ସମେତ ବିଭିନ୍ନ ସାହିରେ ଖୋଲାଯାଇ ନ ଥିବାରୁ ପ୍ରବଳ ଖରାରେ ଯାତାୟାତ କରୁଥିବା ବାଟୋଇ ଓ ସାଧାରଣ ଲୋକେ ପାଣି ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଦର ବ୍ଲକ୍‌ର ଅନ୍ୟାନ୍ୟ ପଞ୍ଚାୟତରେ ବିଭିନ୍ନ ଛକ ଓ ସାହିରେ ଜଳଛତ୍ର ଆରମ୍ଭ ହୋଇଛି। କିନ୍ତୁ ଏଠାରେ ଜଳଛତ୍ର ଖୋଲାଯାଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ବ୍ରହ୍ମ କହିଛନ୍ତି, ୮ଟି ସ୍ଥାନରେ ଜଳଛତ୍ର ଖୋଲାଯିବ। ଅଦ୍ୟାବଧି ୫ଟି ଖୋଲାଯାଇଛି। ଲୋକଙ୍କ ଡିମାଣ୍ଡ ରହୁଛି ପ୍ରତ୍ୟେକ ସାହିରେ ଖୋଲିବା ପାଇଁ। ସାହିଙ୍କୁ ଜଳ ଯୋଗାଇବା ପାଇଁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଜଳଛତ୍ର ଖୋଲିବା ପାଇଁ ବର୍ଷକୁ ୮ରୁ ୧୦ହଜାର ଟଙ୍କା ଦିଆଯାଇଥାଏ ବୋଲି ସେ କହିଛନ୍ତି। ତେବେ ଉକ୍ତ ଅଞ୍ଚଳ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଅଧିକ ପାହାଡ଼ିଆ ବନବାସୀ ପାଣିର ଆବଶ୍ୟକତା କରିଥାନ୍ତି। ତୁରନ୍ତ ଏଥିପ୍ରତି ବ୍ଲକ୍ ପ୍ରଶାସନ ପଦକ୍ଷେପ ନେବାକୁ ଶକ୍ତି ସଂଗଠନର ମୁଖ୍ୟ ତଥା ସାମାଜସେବୀ ସରୋଜ କୁମାର ସାହୁ ଦାବି କରିଛନ୍ତି।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ


ସୁସଜ୍ଜିତ ବଳଦ ସହ ବିଭିନ୍ନ ସଂଗଠନର ଶତାଧିକ ସଦସ୍ୟଙ୍କ ବିକ୍ଷୋଭ ପ୍ରଦର୍ଶନ।

ନୀଳଗିରି, ୨୭।୪ ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିରେ ସୋମବାର ଗୋ ସମ୍ମାନ ଦିବସ ପାଳନ ହୋଇଛି। ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରୁ ସୁସଜ୍ଜିତ ବଳଦ ଓ କୁନି କୁନି ପିଲାଙ୍କୁ ରାଧା କୃଷ୍ଣ ବେଶରେ ସୁସଜ୍ଜିତ ରଥରେ ବସାଇ ବିଭିନ୍ନ ସଂଗଠନର ଶତାଧିକ ସଦସ୍ୟ ଗୋ ସମ୍ପଦ ସୁରକ୍ଷା ଓ ଗୋହତ୍ୟା ବନ୍ଦ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୋ ସମ୍ପଦ ସୁରକ୍ଷା ଓ ଗୋ ହତ୍ୟା ବନ୍ଦ କରିବା ପାଇଁ ନୀଳଗିରି ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପଞ୍ଚାୟତର ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ସଂଗଠନର ସଦସ୍ୟ ଉତ୍ତମ ବିଶ୍ୱାଳ, ପ୍ରଶାନ୍ତ ବେହେରା, ସୁବାସିନୀ ଜି, ସୁଧୀର ରଞ୍ଜନ ନାୟକ, ସୁକୁମାର ନାୟକ, ଗୁରୁ ମହାରାଜ, ଶ୍ରୀମନ୍ତ ଶିବାନନ୍ଦ ସରସ୍ୱତୀ, ମହାରାଜ ଶ୍ରୀମଦ୍ ନୃସିଂହ ବାବା ସମେତ ବହୁ ଗୋ ସମ୍ପଦ ରକ୍ଷକ ସାମିଲ ହୋଇଥିଲେ।

## ନେତାଜୀ ୟୁଥ୍ କ୍ରିକେଟ୍ ଟୁର୍ନାମେଣ୍ଟ: ଟାଙ୍ଗରାଣୀ ଚାମ୍ପିୟନ

କେନ୍ଦୁଝର,୨୭।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନୂଆଗାଁ ଖେଳପଡ଼ିଆରେ ନେତାଜୀ ୟୁଥ କ୍ଲବ୍ ପକ୍ଷରୁ ୪ ଦିନ ଧରି ଚାଲିଥିବା ୨୨ତମ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଟାଙ୍ଗରାଣୀ ଦଳ ନୂଆଗାଁକୁ ହରାଇ ଚାମ୍ପିୟନ ହୋଇଛି। ଅଜୟ ରାଉତ ଓ ରଞ୍ଜନ ନାଏକ ଖେଳ ପରିଚାଳନା କରିଥିଲେ। ମୁରଲି ଗିରି ଏବଂ ସୁଦର୍ଶନ ଘଡ଼େଇ ଧାରାବିବରଣୀ ପ୍ରଦାନ କରିଥିଲେ। ମୁକେଶ ମହାନ୍ତ, ନିର୍ମଳ ମହାନ୍ତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଚାମ୍ପିଆନ ଦଳକୁ ୧୫ହଜାର ସହ ଟ୍ରଫି ରନର୍ସ ଦଳକୁ ୧୨ହଜାର ସହ ଟ୍ରଫି ହେମନ୍ତ କୁମାର ବାରିକ, ପର୍ଶୁରାମ ଘଡେଇ ପ୍ରଦାନ କରିଥିଲେ। ନୂଆଗାଁ ନେତାଜୀ ୟୁଥ କ୍ଲବ୍‌ର ସଭାପତି ପର୍ଶୁରାମ ଘଡ଼େଇ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ଅଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।


ଟୁର୍ନାମେଣ୍ଟରେ ଭାଗ ନେଇଥିବା କ୍ରୀଡ଼ାବିତ୍‌ମାନେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୭।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଖୋଜୁରୀ ଗ୍ରାମରେ ରବିବାର ଅପରାହ୍ନରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ସୁନୀଲ ହାଁସଦାଙ୍କ ସ୍ତ୍ରୀ ଗଙ୍ଗାମଣି ଟୁଡୁ (୨୬)। ପରିବାର ଲୋକେ ଗୁରୁତର ଅବସ୍ଥାରେ ଗଙ୍ଗାମଣିଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩ /୨୬) ରୁଜୁ ହୋଇଛି।

## ଗଳିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଉଦଳା,୨୭।୪
(ସନ୍ତୋଷ କୁମାର ବାଞ୍ଛିନୀ)

ବିଲ ଭିତରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହକୁ ଶହେ ମିଟର କୁକୁର ଘୋଷାରି ନେଇଥିବା ଦେଖିବାକୁ ମିଳିଛି। ସୋମବାର ସକାଳ ୭ଟା ସମୟରେ ଉଦଳା ଥାନା ବଡସିଙ୍ଗାରିଆ ପଞ୍ଚାୟତ ଶିଆଳିଆ ଗ୍ରାମ ବିଦ୍ୟାଳୟ ନିକଟ ବିଲରେ ଏକ ଗଳିତ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଉଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ତଦନ୍ତ ସମୟରେ ଗଳିତ ମୃତଦେହଟି ବିଲରେ ଥିବା କୁଟାଗଦା ନିକଟରେ ପଡିଥିବା ବେଳେ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ମୃତଦେହକୁ ବୁଲା କୁକୁର ଘୋଷାରି ଆଣିଥିବା ପୋଲିସ କହିଛି। ମୃତକଙ୍କର ପରିଚୟ ମିଳି ପାରି ନ ଥିବା ବେଳେ ପ୍ରାୟ ୪ରୁ ୫ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ଏହାବ୍ୟତୀତ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ହତ୍ୟାକାଣ୍ଡ ଅନୁମାନ କରି ପୋଲିସ ବାରିପଦାରୁ ସାଇଣ୍ଟିଫିକ ଟିମ ମଗାଇ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଥାନାରେ ଏକ ମାମଲା(ନଂ. ୨୮/୨୬) ରୁଜୁ ହୋଇଛି।

## ତାଲା ଭାଙ୍ଗି ୩୦ ଲକ୍ଷର ସୁନାଗହଣା ନେଇଗଲେ

ଯୋଡ଼ା,୨୭।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାସ୍ଥିତ ଟାଟା ସ୍ପଞ୍ଜ ଆଇରନ ଲିମିଟେଡର ଟାଉନ୍‌ଶିପ କଲୋନୀରେ ଦୁର୍ବୃତ୍ତ ଏକ ଘରର ତାଲା ଭାଙ୍ଗି ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେଇଛନ୍ତି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, କ୍ୱାର୍ଟର୍ସ ନମ୍ବର ଡବ୍ଲ୍ୟୁ/୩ ଆର୍ ୧/୫୭ରେ ରହୁଥିବା କମ୍ପାନୀ କର୍ମଚାରୀ ଦେବଦତ୍ତ ରାୟ ଗତ ୨୧ ତାରିଖରେ ଘରେ ତାଲା ପକାଇ କଟକ ଯାଇଥିଲେ। ୨୭ ତାରିଖ ସୋମବାର ଭୋର୍ ପ୍ରାୟ ୩ଟାରେ ଘରକୁ ଫେରିବା ପରେ ଘରୁ ଲୁଟ୍ ହୋଇଥିବା ଜାଣିପାରିଥିଲେ। ବେଡ୍‌ରୁମ୍‌ର ବକ୍ସ ପଲଙ୍କ ଭିତରେ ଏକ ଆଟାଚିରେ ରଖିଥିବା ୬ ସେଟ୍ ସୁନା ହାର, ୫ସେଟ କାନଫୁଲ, ୪ଟି ମୁଦି, ୮ଯୋଡ଼ା ଚୁଡ଼ି ଓ ଗୋଟିଏ ବ୍ରେଶଲେଟ୍ ଦୁର୍ବୃତ୍ତ ନେଇଯାଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଘରର ପଛପଟ କବାଟର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ଏ ନେଇ କମ୍ପାନୀ କର୍ମଚାରୀ ଦେବଦତ୍ତ ରାୟ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଯୋଡ଼ା ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ବି ଜଣାପଡ଼ିନାହିଁ। ସୁରକ୍ଷାକର୍ମୀ ନିୟୋଜିତ ହୋଇ ମଧ୍ୟ ଏତେବଡ଼ କମ୍ପାନୀର କଲୋନୀରୁ ଚୋରି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

## ଗାଁରେ ପଶିଲା ଦନ୍ତା, ବୃଦ୍ଧ ଆହତ

ଖଇରା,୨୭।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଞ୍ଚାୟତ ଅଧୀନ ସାଉଣ୍ଡିଆ କୁତୁପୁର ଗାଁରେ ଦନ୍ତା ଆତଙ୍କ ଦେଖାଦେଇଛି। ହାତୀଟି ଗ୍ରାମର ବୃଦ୍ଧ ରତ୍ନାକର ମହାନ୍ତିଙ୍କୁ ଗୋଡାଇବାରୁ ସେ ତଳେ ପଡିଯାଇ ଖଣ୍ଡିଆ ଖାବରା ହୋଇଛନ୍ତି। ହାତୀଟି ଗାଁରେ ଥିବା ଏକ କିଆବୁଦା ଜଙ୍ଗଲ ଭିତରେ ପଶି ରହିଥିବା ବେଳେ ଅଞ୍ଚଳବାସୀ ବାହାରକୁ ବାହାରି ପାରୁନାହାନ୍ତି। ଖବରପାଇ କୁପାରି ବନ ବିଭାଗର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇବାକୁ ଚେଷ୍ଟା ଚଳାଇଛନ୍ତି। ଉକ୍ତ ହାତୀଟି ରବିବାର ରାତିରେ କୁପାରି ଶାରୀଶୁଆ ପାହାଡ଼ରୁ ଆସି ଗଡ଼ପୋଖରୀ ପଞ୍ଚାୟତର ଗଗୁଆ, ସିମୁଳିଆ, ବଡଦାଣ୍ଡ ଇତ୍ୟାଦି ଗାଁରେ ଥିବାବେଳେ ସୋମବାର ସକାଳେ ଖଇରା, ବଟେଶ୍ୱର, ମହତୀପୁର,କୁରୁଣ୍ଟା, ବାଗଡିଆ ଦେଇ ମାଖନପୁର ପଞ୍ଚାୟତର କୁତୁପୁରରେ ଗାଁରେ ପହଞ୍ଚିଛି।

## ଶିକ୍ଷାବିତ୍‌ଙ୍କ ପରଲୋକ

ବନ୍ତ,୨୭।୪(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦିସ୍ଥିତ କାହ୍ନୁ ଚରଣ ବିଦ୍ୟାମନ୍ଦିରର ପ୍ରାକ୍ତନ ଶିକ୍ଷକ ନାରାୟଣ ଦାଶ(୬୭)ଙ୍କ ଶନିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ରାତିରେ ଶୋଇବା ସମୟରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌଭାଗ୍ୟ ଦାଶ, ପ୍ରାକ୍ତନ ଶିକ୍ଷକ ସିଦ୍ଧେଶ୍ୱର ପଣ୍ଡା, ଶିକ୍ଷା କର୍ମଚାରୀ ଗଙ୍ଗାଧର ପାତ୍ର, ପଦ୍ମନାଭ ଜେନା, ହରମୋହନ କର, ସରପଞ୍ଚ ଅଶୋକ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ବିଦ୍ୟାଳୟ ଓ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

## କୁଳଡ଼ିହା ଅଭୟାରଣ୍ୟରୁ ପକ୍ଷୀ ଶିକାର କରି ୪ ଗିରଫ

ନୀଳଗିରି, ୨୭।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା କୁଳଡ଼ିହା ଅଭୟାରଣ୍ୟରେ ପକ୍ଷୀ ଶିକାର କରିଥିବା ୪ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ସେମାନଙ୍କ ନିକଟରୁ ମୃତ ପକ୍ଷୀ ଓ ମାରଣାସ୍ତ୍ର ଜବତ କରିଛି। ବିଗତ କିଛି ଦିନଧରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଫଳରେ ଅଧିକାଂଶ ଶିକାରୀ ଧରାହେଉଥିବା ପରିଲକ୍ଷିତ ହେଉଛି। ସୋମବାର ଔପଦା ବ୍ଲକ୍ ନୀଳଗିରି ଥାନା କାଣ୍ଡଗରଡି ଗ୍ରାମର ୪ ଜଣ ଶିକାରୀ ଅଭୟାରଣ୍ୟରୁ ଶିକାରକରି ଫେରୁଥିବା ବେଳେ ବନବିଭାଗ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ରେଞ୍ଜର ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ଗିରଫ ଶିକାରୀ ହେଲେ ମାୟାଧର ସିଂ(୩୯), ବୁଦ୍ଧିଆ ସିଂ (୫୭), ସୋହନ ସିଂ (୨୬), ମଙ୍ଗୁଳି ସିଂ(୩୬)। ସମସ୍ତ ଅଭିଯୁକ୍ତ କାଣ୍ଡଗରଡି ଗ୍ରାମର ହୋଇଥିବା ବେଳେ ସେମାନଙ୍କ ନିକଟରୁ ୬ଟି ମୃତପକ୍ଷୀ ଏବଂ ୨ଟି ବାଟୁଳି, ୨ଟି ଟର୍ଚ୍ଚ, ଦୁଇଟି ମୋବାଇଲ ସମେତ ପଥରଗୋଲା ଜବତ କରାଯାଇଥିବା ସୂଚନା ମିଳିଛି।



୬ଟି ମୃତପକ୍ଷୀ ସହ ଗିରଫ ୪ ଶିକାରୀ ।

## ମୂଲ୍ୟଯୁକ୍ତ ସାମୁଦ୍ରିକ ଖାଦ୍ୟ ପଦାର୍ଥ ପାଇଁ ଦକ୍ଷତା ବିକାଶ କର୍ମଶାଳା

ବାଲେଶ୍ୱର, ୨୭।୪ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରେ ନେଟ୍‌ଫିସ୍, ଏମ୍‌ପିଇଡିଏ ଏବଂ ପାରାଦୀପ ବନ୍ଦର ସାମାଜିକ ମୂଲ୍ୟବୋଧ ବିଭାଗ ମିଳିତ ସହଯୋଗରେ ଆୟୋଜିତ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାହାବଳପୁର ଅଞ୍ଚଳର ୨ଟି ସ୍ୱୟଂସହାୟକ ଗୋଷ୍ଠୀର ୫୦ଜଣ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ହେବା ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଓ ଚିଙ୍ଗୁଡ଼ିର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ପରେ ମହିଳାମାନେ ନିଜେ ଏହି ଖାଦ୍ୟ ପ୍ରସ୍ତୁତ କରିବା ସହ ଖାଦ୍ୟ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ। ଏମ୍‌ପିଇଡିଏର ସହନିର୍ଦ୍ଦେଶକ ଅର୍ଚ୍ଚିମନ୍ ଲାହିରି, ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ପଶ୍ଚିମବଙ୍ଗ ରାଜ୍ୟ ସଂଯୋଜକ ଅତନୁ ରାୟ, ମତ୍ସ୍ୟ ଅଧିକାରୀ କୁଞ୍ଜବିହାରୀ ଦାସ, ଦେବପ୍ରସାଦ ଆଚାର୍ଯ୍ୟ, ପ୍ରମୋଦ ସାହୁ, ମତ୍ସ୍ୟଜୀବୀ ମତ୍ସ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ଗୋରାଚାନ୍ଦ ଜେନା, ଉପସଭାପତି ତଥା ଦୁବୁଲାଗଡ଼ି ସରପଞ୍ଚ ପ୍ରବୀର ସାହୁ କର୍ମଶାଳାରେ ଯୋଗ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ମହିଳାମାନେ।

# ୭ ମାସ ହେଲା ଭତ୍ତାରୁ ବଞ୍ଚିତ ୨୦୦ ହିତାଧିକାରୀ

**ଜିଲାପାଳଙ୍କ ନିକଟରେ ଅଭିଯୋଗ**

**୭୯ ଅଭିଯୋଗର ଶୁଣାଣି**

ତିହିଡ଼ି,୨୭।୪(ସଞ୍ଜିତ ବଳ)

ସରକାରଙ୍କ ପକ୍ଷରୁ ବୃଦ୍ଧା ବୃଦ୍ଧ ଓ ବିଧବାମାନଙ୍କ ପାଇଁ ଭତ୍ତାର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ସେମାନେ ପରିବାର ଉପରେ ବୋଝ ନ ହୋଇ ନିଜ ଗୁଜୁରାଣ ମେଣ୍ଟାଇ ପାରିବେ। ହେଲେ ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ୭ ମାସ ହେଲା ଭତ୍ତାରୁ ବଞ୍ଚିତ ହେବା ପରିତାପର ବିଷୟ ହୋଇଛି। ହିତାଧିକାରୀମାନେ ବିଭିନ୍ନ ସମୟରେ ବ୍ଲକ ଅଫିସକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ମେଲ୍ ଯୋଗେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ। ଶେଷରେ ସେମାନେ ସୋମବାର ତିହିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ସରପଞ୍ଚ ଯଶୋଦା ମଲ୍ଲିକଙ୍କ ନେତୃତ୍ୱରେ ରବୀନ୍ଦ୍ର କୁମାର ନାୟକ, ଗଣେଶ ମଲ୍ଲିକ, ଗୋଲକ ଶତପଥୀ, ଆଶାମଣି ରାଉତ, ପିଙ୍କି ସେଠୀ, ପାର୍ବତୀ ସାହୁ, ଶୁକ୍ରମଣି ମହାଳିକ, ସାବିତ୍ରୀ ରାଉତ ପ୍ରମୁଖ ହିତାଧିକାରୀ ଭତ୍ତା ନ ମିଳିବାରୁ ସେମାନେ ଭୋଗୁଥିବା ଦୁର୍ଦ୍ଦଶା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସୂଚନା ଅନୁଯାୟୀ ଜିଲାପାଳ ଦିଲୀପ ରାଉତରାଏ ଗ୍ରାମ୍ୟ ବ୍ୟାଙ୍କରେ ଥିବା ସମସ୍ୟା ଯୋଗୁଁ ଏପରି ପରିସ୍ଥିତି ଉପୁଜିଥିବା କହିବା ସହ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ଏବଂ ଖୁବ୍‌ଶୀଘ୍ର ହିତାଧିକାରୀମାନଙ୍କୁ ଭତ୍ତା ମିଳିବ ବୋଲି ଆଶାପୋଷଣ କରିଥିଲେ। ସେହିପରି ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର କମାରିଆଠାରୁ ଶଙ୍କରପୁର ଯାଏ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ଆରମ୍ଭରୁ ଜବରଦଖଲ ହୋଇଥିବା ସୁବ୍ରତ ନାୟକ, ଅଭୟ ମଲ୍ଲିକ, ବିଷ୍ଣୁ ଚରଣ ମହାନ୍ତି, ଧନେଶ୍ୱର ମହାଳିକ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଜବରଦଖଲ ଉଚ୍ଛେଦ ପାଇଁ ଦାବି ଜଣାଇଛନ୍ତି। ରାସ୍ତା ମାପଚୁପ କରି ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ଦିଗରେ ପଦକ୍ଷେପ ନେବାକୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତିହିଡ଼ି ତହସିଲ କାର୍ଯ୍ୟାଳୟରେ କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ଲୋକେ ଶୋଷଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ବିଜୟ କୁମାର ବାରିକ, ସତ୍ୟବ୍ରତ କୁଣ୍ଡ, ତପନ କୁମାର ପଣ୍ଡା ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଶିବିରରେ ବିଭିନ୍ନ ଅଞ୍ଚଳରୁ ହୋଇଥିବା ମୋଟ ୭୯ଟି ଅଭିଯୋଗର ଶୁଣାଣି କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନ କାର୍ଡ ଇତ୍ୟାଦି ନେଇ ବିଭିନ୍ନ ଅଭିଯୋଗ ହୋଇଛି। ଏହି ଅବସରରେ ତିହିଡ଼ି ଗ୍ରାମର ସଞ୍ଜୟ କୁମାର ନାୟକ ଓ ମାଟିଆସାହି ଗ୍ରାମର ଫକୀର ପରିଡ଼ା ନାମକ ୨ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଛି। ଜିଲାପାଳଙ୍କ ସମେତ ଏସ୍‌ପି ମନୋଜ କୁମାର ରାଉତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଏସ୍‌ପି ପାର୍ଥ ଜଗଦୀଶ କାଶ୍ୟପ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପ୍ରହରାଜ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଜିଲା ଓ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



ଭତ୍ତା ପାଇ ନ ଥିବା ହିତାଧିକାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

# ଜନ ଆକ୍ରୋଶ ମହିଳା ପଦଯାତ୍ରା

ଚାନ୍ଦବାଲି,୨୭।୪ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସିରେ ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରେ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପାର ଏନ୍‌ଏସି ମଣ୍ଡଳ ସଭାପତି ବିକାଶ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଚାନ୍ଦବାଲି କାଳୀମନ୍ଦିରଠାରୁ ପଦଯାତ୍ରା ବାହାରି ବସଷ୍ଟାଣ୍ଡଠାରେ ଶେଷ ହୋଇଥିଲା। ଶତାଧିକ ମହିଳା ସମାବେଶରେ ଯୋଗଦେଇ ନିଜର ଅଧିକାର କ୍ଷୁଣ୍ଣ କରିଥିବା ରାଜନୈତିକ ଦଳ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିଥିବା ନେତାମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏନ୍‌ଏସି ମହିଳା ମୋର୍ଚ୍ଚା ସଭାପତି ସସ୍ମିତା ଦାସ, ପ୍ରେମଲତା ବାରିକ, ସୌଦାମିନୀ ଜେନା, ସମିତା ପରବିନ, ରଶ୍ମି ସାହୁ, ବନ୍ଦିତା ଦାସ, ରେଖା ମଲ୍ଲିକ, ଦେବଦତ୍ତା ଦ୍ୱାରି, ସଞ୍ଜୁଲତା ପରିଡ଼ାଙ୍କ ସମେତ ମହିଳା ନେତ୍ରୀମାନେ ଏଥିରେ ସାମିଲ ଥିଲେ।

# ଜମିଜମା କାଗଜପତ୍ରର ନକଲ ପାଇଁ ଲାଞ୍ଚ ମାଗିବା ଅଭିଯୋଗରେ ମାମଲା ରୁଜୁ

ବାସୁଦେବପୁର,୨୭।୪(କାଳିପଦ ରାୟ)

ବାସୁଦେବପୁର ତହସିଲରେ ଜମିଜମା କାଗଜପତ୍ରର ନକଲ ପ୍ରଦାନ ପାଇଁ ତହସିଲ କର୍ମଚାରୀ ଲାଞ୍ଚ ମାଗୁଥିବା ନେଇ ଗତ ମାସରେ ଅଭିଯୋଗ ହୋଇଥିଲା। ବାସୁଦେବପୁର ପୋଲିସ ଲକ୍ଷ୍ମୀଦାସପୁର ପଞ୍ଚାୟତ ଖେଡୁଆଳପୁର ଗ୍ରାମର ନିତ୍ୟାନନ୍ଦ ବାରିକଙ୍କ ଅଭିଯୋଗ ଆଧାରରେ ଅତିରିକ୍ତ ତହସିଲଦାର ଜୟନ୍ତ ରାଉତରାୟ, ନଥିପତ୍ର ରକ୍ଷକ ରାଜେନ୍ଦ୍ର ବଳ ଓ ପିଅନ ମହେଶ୍ୱର ପ୍ରଧାନଙ୍କ ନାମରେ ସୋମବାର ମାମଲା (ନଂ.୨୨୭/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ନିତ୍ୟାନନ୍ଦ ଅଭିଯୋଗରେ ଦର୍ଶାଇଥିଲେ, ସେ ୬ଟି ଓଏଲ୍‌ଆର୍ କେସ୍‌ରେ ନିର୍ଦ୍ଧାରିତ କୋର୍ଟ ଫି ଦାଖଲ କରି ଜମି କାଗଜର ଅବିକଳ ନକଲ ମାଗିଥିଲେ। ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ସେ କାଗଜପତ୍ର ନ ପାଇବାରୁ ତହସିଲରେ ନଥିପତ୍ର ରକ୍ଷକଙ୍କୁ ଏ ବାବଦରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘଟଣାକୁ ନେଇ ଅତିରିକ୍ତ ତହସିଲଦାର ଜୟନ୍ତ ରାଉତରାୟ ନିତ୍ୟାନନ୍ଦଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ବାସୁଦେବପୁର ପୋଲିସ ଏନେଇ ଏକ ମାମଲା (ନଂ. ୧୬୮/୨୬) ରୁଜୁ କରିଥିଲା। ଅପରପକ୍ଷେ ନିତ୍ୟାନନ୍ଦ ତହସିଲ କର୍ମଚାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ ସୁଦ୍ଧା ତାହା ପଞ୍ଜୀକୃତ ହୋଇ ନ ଥିଲା। ନିତ୍ୟାନନ୍ଦ ଏସ୍‌ପି, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। ନ୍ୟାୟ ନ ମିଳିଲେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ।

# ସମ୍ବର୍ଦ୍ଧନା ସଭା, ନାଟ୍ୟ ଉତ୍ସବ

ଚାନ୍ଦବାଲି,୨୭।୪(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁ ମା' ରଟନ୍ତୀ କାଳୀପଡ଼ିଆଠାରେ ରଟନ୍ତୀ କାଳୀ ଯାତ୍ରା କଳାକାର ପରିବାର ପକ୍ଷରୁ ରବିବାର ରାତିରେ ଏକ ସମ୍ବର୍ଦ୍ଧନା ସଭା ଓ ନାଟ୍ୟ ଉତ୍ସବ ଆରମ୍ଭ ହୋଇଛି। ନାଟ୍ୟ ନିର୍ଦ୍ଦେଶକ ରାଧାକାନ୍ତ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ, ରଟନ୍ତୀ କାଳୀ କମିଟିର ସମ୍ପାଦକ ମାଧବାନନ୍ଦ ମହାନ୍ତି, ସାମାଜିକ କର୍ମୀ ବ୍ରଜସୁନ୍ଦର ମହାନ୍ତି, ରଘୁନାଥ ସାହୁ, ବ୍ରଜକିଶୋର ପଣ୍ଡା, ନିର୍ମଳ ରାଉତ, ପାରିଷଦ ଶୀତ ମହାଳିକ, ନାଟ୍ୟଗୁରୁ ଦୈତାରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଯାତ୍ରା କଳାକାର ପରିବାର ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନାଟକ 'ଦରିଆ କୂଳର ଦରଦୀ ବନ୍ଧୁ' ପରିବେଷଣ କରାଯାଇଥିଲା। ଟିଭି ସିରିଏଲ୍‌ର ନାୟିକା ପାୟଲଙ୍କ ନୃତ୍ୟ ଓ ସଙ୍ଗୀତରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। କଳାକାର ଅମିୟ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଉତ୍ସବ ୩ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦ, ପ୍ରକାଶ ସେଠୀ, ଗଙ୍ଗାଧର ଦାସ, ଦେବେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତ ପ୍ରତିନିଧିଙ୍କ ଅନଶନ



ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିବା ପଞ୍ଚାୟତ ପ୍ରତିନିଧିମାନେ।

ବାସୁଦେବପୁର,୨୭।୪ (ନାରାୟଣ ପ୍ରସାଦ ବାରିକ୍)

**ଅସୁସ୍ଥ ହୋଇପଡ଼ିଲେ ୨ ସରପଞ୍ଚ**

ବାସୁଦେବପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧିମାନେ ସୋମବାର ସକାଳ ୮ଟାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ପ୍ରକଳ୍ପ ତାଲିକା ଓ ପଞ୍ଚାୟତ ସମିତି ବୈଠକରେ ଅନିୟମିତତା ବିରୋଧରେ ପଞ୍ଚାୟତ ପ୍ରତିନିଧିମାନେ ଏହି ଅନଶନ କରିଛନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ ପାଇଁ ଗ୍ରାମସଭାରୁ ପାସ୍ ହୋଇଥିବା ଓ ତାଲିକା ପ୍ରସ୍ତୁତ ହୋଇଯାଇଥିବା ପ୍ରକଳ୍ପଗୁଡ଼ିକ ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହେଉଥିବାରୁ ସରପଞ୍ଚ ଏବଂ ସମିତିସଭ୍ୟମାନେ ଏହାକୁ ବିରୋଧ କରିଛନ୍ତି। ଗ୍ରାମସଭାରୁ ତାଲିକା ପ୍ରସ୍ତୁତ ହୋଇଯାଇଥିବା ପ୍ରକଳ୍ପକୁ ଅନୁମୋଦନ କରି କାର୍ଯ୍ୟକାରୀ ପାଇଁ ସେମାନେ ଦାବି ଜଣାଇଛନ୍ତି। ସରପଞ୍ଚ ସଂଘର ଆହ୍ୱାନକ୍ରମେ ସଭାପତି ଆଦିତ୍ୟ ଗିରି, ସମ୍ପାଦକ ଅଗଣୀ ପ୍ରସାଦ ଜେନା, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ମଳିକ, ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ସାହୁ, ରୀନା ସ୍ୱାଇଁ, ଉମାକାନ୍ତ ମଳିକ, ଚିନ୍ତାମଣି ନାୟକ, ନିରୁପମା ନାୟକ, ରୁଚିସ୍ମିତା ବାରିକ, ସମିତିସଭ୍ୟ ରମେଶ ଚନ୍ଦ୍ର ବଳଙ୍କ ସମେତ ପ୍ରତିନିଧିମାନେ ଅନଶନରେ ସାମିଲ ହୋଇଛନ୍ତି। ଅନଶନରେ ବସିଥିବା ବେଳେ ବ୍ରାହ୍ମଣୀଗାଁ ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ ଓ ଅରଣ୍ଡୁଆ ସରପଞ୍ଚ ନିରୂପମା ନାୟକ ଅସୁସ୍ଥ ହୋଇପଡ଼ିଥିବା ବେଳେ ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅନୁମୋଦନକ୍ରମେ ଏହି ବ୍ଲକର ଲୋକସଂଖ୍ୟା ଆଧାରରେ ୨୬୭ଟି ପ୍ରକଳ୍ପ ଅନୁମୋଦନ ଲାଭ କରିଛି। ସେଥିମଧ୍ୟରୁ ୯୨ଟି ପ୍ରକଳ୍ପ ଗ୍ରାମସଭାରୁ ଅନୁମୋଦିତ ହୋଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ। ସରକାରଙ୍କ ଘୋଷଣା ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏନ୍‌ଜିଓ, ସିଭିଲ ସୋସାଇଟି, ଗ୍ରାମ କମିଟି ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ କରାଯାଇଛି। ପଞ୍ଚାୟତ ସମିତି ବୈଠକ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

# ବୈଶାଖୀ ଦହି ସର୍ବତ ବଣ୍ଟନ

ଭଦ୍ରକ, ୨୭।୪(ରବିନାରାୟଣ ଖିଲାର)

ଭଦ୍ରକ ବାଇପାସ୍‌ଠାରେ ସୋମବାର ସୁନା ବସ ସର୍ଭିସ ପକ୍ଷରୁ ବୈଶାଖୀ ଦହି ସର୍ବତ ବଣ୍ଟନ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ବୈଶାଖୀ ଜଳଛତ୍ର ଖୋଲାଯାଇଛି। ସାମାଜିକ କର୍ମୀ ବଳରାମ ରାଉତଙ୍କ ନେତୃତ୍ୱରେ ଦହି ସର୍ବତ ବଣ୍ଟନ କରାଯାଇଥିଲା। ତ୍ରିଲୋଚନ ବାରିକ, ସୁରେଶ ମହାନ୍ତି, ହରେକୃଷ୍ଣ ସାହୁ, ବଣ୍ଟି ଦାସ ପ୍ରମୁଖ ଦାୟିତ୍ୱ ନେଇଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଭଣ୍ଡାରିପୋଖରୀ,୨୭।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ୍‌ଗେଟ୍ ନିକଟ କୁଶଗଡ଼ିଆ ଛକରେ ସୋମବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ତିହିଡ଼ି ଅଞ୍ଚଳର ନିରଞ୍ଜନ ନାୟକ(୩୭)। ସୂଚନା ଅନୁଯାୟୀ, ବାଇକ୍ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ନିରଞ୍ଜନ ଓ ଚାନ୍ଦବାଲି ଅଞ୍ଚଳର ସୌମ୍ୟରଞ୍ଜନ ରାଉତ(୩୨)ଙ୍କୁ ଭୁଲ୍ ରାସ୍ତାରେ ଯାଉଥିବା ଏକ ଅଜଣା ଦ୍ରୁତଗାମୀ ଯାନ ଧକ୍କା ଦେଇ ପଳାଇଥିଲା। ୨ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବାଇକ୍ ଚାଳକ ନିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ହୋଇଥିବା ସୌମ୍ୟରଞ୍ଜନଙ୍କୁ ଭଦ୍ରକ ଡାକ୍ତରଖାନାକୁ ପଠାଯାଇଥିଲା। ପୋଲିସ ବାଇକ୍ ଓ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

**ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ**

# ସରମରା ଟିମ୍ ଚାମ୍ପିୟନ

ବନ୍ତ,୨୭।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ସେଣ୍ଟତୀରାଠାରେ ରବିବାର ରାତିରେ ଆୟୋଜିତ ୧୩ତମ ରମେଶ ଚନ୍ଦ୍ର ବେହେରା ମେମୋରିଆଲ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୮ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ସରମରା ଟିମ୍ ଚାମ୍ପିୟନ ହୋଇଥିବା ବେଳେ ବରପଦା ଟିମ୍ ରନରଅପ୍ ହୋଇଛି। ସରମରା ଟିମ୍ ୬ ଓଭରରେ ୬ ଉଇକେଟ ହରାଇ ୩୫ ରନ୍ କରିଥିଲା। ବରପଦା ଟିମ୍ ୬ ଓଭରରେ ୮ ଉଇକେଟ ହରାଇ ୨୮ ରନ୍ କରିପାରିଥିଲା। ସରମରା ଟିମ୍‌ର କୁଶ ସାହୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୮ହଜାର ଟଙ୍କା ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ସହ ୫ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଉତ୍କଳ ସେନାପତି, ଆଶିଷ କୁମାର ସ୍ୱାଇଁ ଓ ସ୍କୋରର ଭାବେ ପୃଥ୍ୱୀରାଜ ସେନାପତି ଦାୟିତ୍ୱ ତୁଲାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଧାନସଭା ଭାଜପା ନେତା ଡ.ସୁଧାଂଶୁ ଶେଖର ନାୟକ, ବରଡେଶ୍ୱର ମଣ୍ଡଳ ସଭାପତି ଇଂ.ପ୍ରମୋଦ କୁମାର ଜେନା, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାମଲ, ସ୍ୱର୍ଗତ ରମେଶଙ୍କ ପୁଅ ଅମରେଶ ଚନ୍ଦ୍ର ବେହେରାଙ୍କ ସମେତ ପରିବାରବର୍ଗ ଯୋଗ ଦେଇଥିଲେ। ଆସୋସିଏଶନର ସଦସ୍ୟ ସୁନୀଲ ସେନାପତି, ଅଭିଜିତ୍ ବେହେରା, ରଶ୍ମିରଞ୍ଜନ ସେନାପତି, ଗୁରୁ ଚରଣ ଜେନା, ଶଶୀକାନ୍ତ ଜେନା, ମନୋଜ ସ୍ୱାଇଁ, ଶୁଭ ଜେନା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ଜମି ଦାନ କରିଥିବା ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଲେ**



ଜିଲାପାଳ ଦିଲୀପ ରାଉତରାଏ କୋହ୍ଲ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ତିହିଡ଼ି,୨୭।୪(ସଞ୍ଜିତ ବଳ)

ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ସୋମବାର ତିହିଡ଼ି ବ୍ଲକ ଅଧୀନ କୋହ୍ଲ ଅଙ୍ଗନୱାଡି କେନ୍ଦ୍ର(୧) ପରିଦର୍ଶନ କରିଛନ୍ତି। ଏଥିସହ ଜିଲାପାଳ ଅଙ୍ଗନୱାଡି କେନ୍ଦ୍ର ପାଇଁ ଜମିଦାନ କରିଥିବା କୋହ୍ଲ ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଗୟାଧର ସାହୁଙ୍କୁ ଏହି ମହତ୍ କାର୍ଯ୍ୟ ଲାଗି ଶୁଭେଚ୍ଛା ଜଣାଇଛନ୍ତି। ସେ ଅନୁପସ୍ଥିତ ଥିବାରୁ ତାଙ୍କ ପୁଅ ବିଭୁ ପଦାରବିନ୍ଦଙ୍କୁ ଜିଲାପାଳ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ବିଭୁ ମଧ୍ୟ ଯଥେଷ୍ଟ ସହଯୋଗ କରିଥିବା ବିଡିଓ ନିରଞ୍ଜନ ବାରିକ ସୂଚନା ଦେଇଥିଲେ। ଜିଲାପାଳ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସହ କେନ୍ଦ୍ର ଭିତର ବ୍ୟବସ୍ଥା ବୁଲି ଦେଖିଥିଲେ। ତେବେ କେନ୍ଦ୍ରର ଫାଟକ ନିର୍ମାଣ ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବିଭୁ ପଦାରବିନ୍ଦ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଜୀବନ ରାଉତ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ଅଭୟ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କୋହ୍ଲ ଅଙ୍ଗନୱାଡି କେନ୍ଦ୍ର(୧) ନିର୍ମାଣ ପାଇଁ ୧୨ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ସରକାରୀ ଜାଗା ଅଭାବରୁ କେନ୍ଦ୍ର ନିର୍ମାଣ କାର୍ଯ୍ୟ ହୋଇ ନ ପାରି ଟଙ୍କା ପଡ଼ିରହିଥିଲା। ଏପରିସ୍ଥଳେ ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସାହୁ ସମସ୍ୟାକୁ ଉପଲବ୍ଧି କରି ଜମିଦାନ କରିବା ପରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସମ୍ଭବ ହୋଇଥିଲା।

# ଜନଆକ୍ରୋଶ ମହିଳା ସମାବେଶ

ଧାମନଗର/ ଅସୁରାଳି,୨୭।୪ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ ସାହୁ)



ଶହୀଦନଗରରେ ଅନୁଷ୍ଠିତ ସମାବେଶରେ ସାମିଲ ହୋଇଥିବା ମହିଳାମାନେ।

ଧାମନଗର ବ୍ଲକ ଦୋବଲ ଜୋନ୍ ମୁକୁନ୍ଦଦେବ ମଣ୍ଡଳ ଭାଜପାର ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ଅପରାହ୍ଣରେ ଜନ ଆକ୍ରୋଶ ମହିଳା ସମାବେଶ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ସାମିଲ ହୋଇ ମୁତ୍ତାଫାପୁର ପଞ୍ଚାୟତ କାଳୀପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି କଂଗ୍ରେସ ଓ ବିଜେଡି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ଲାଗୁ କରିବାକୁ ଦାବି କରି ସେମାନେ ଦୋବଲ ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିବା ପରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ପୂର୍ବତନ ସାଧାରଣ ସମ୍ପାଦିକା ଜୟସ୍ମିତା ଗୋଚ୍ଛାୟତ, ଶ୍ରଦ୍ଧାଞ୍ଜଳି ପଣ୍ଡା, ତନୁଶ୍ରୀ ପୁହାଣ, ମିନାକ୍ଷୀ ଶତପଥୀ, ଆଶାଲତା ରାଉତ ପ୍ରମୁଖ ମହିଳା ସଂରକ୍ଷଣ ବିଲ୍ ପାରିତ କରାଯିବାକୁ ଦାବି କରି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନେତା ତଥା ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାର, ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ଅରବିନ୍ଦ ପତି, ରଣଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଅସୁରାଳି ଜୋନ୍ ଶହୀଦନଗରରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜନଆକ୍ରୋଶ ସମାବେଶ ହୋଇଥିଲା। ମହିଳାଙ୍କ ସଂରକ୍ଷଣ ସମ୍ବନ୍ଧୀୟ ବିଲ୍ କେନ୍ଦ୍ର ସରକାର ଆଣିଥିଲେ ମଧ୍ୟ ବିରୋଧୀ ଦଳ ଏହାକୁ ସମର୍ଥନ କରି ନ ଥିବାରୁ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶହୀଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ରଜତ ଲେଙ୍କା, ଏମ୍‌ପି ପ୍ରତିନିଧି ମଲ୍ଲିକ, ମନ୍ତ୍ରୀଙ୍କ ପ୍ରତିନିଧି ପୁହାଣ, ପୂର୍ବତନ ମଣ୍ଡଳ ସଭାପତି ଅଜୟ ବଳ ପ୍ରମୁଖ ମହିଳାଙ୍କ ଅଧିକାର ଓ ସମ୍ମାନ ପାଇଁ ଏପରି ଆନ୍ଦୋଳନ ଆଗାମୀ ଦିନରେ ଆହୁରି ଜୋରଦାର ହେବ ବୋଲି କହିଥିଲେ। ଅସୁରାଳି ସରପଞ୍ଚ ମିନତି ସାହୁ, ଖପରପଦା ସରପଞ୍ଚ ଅନୁସୟା ସାହୁଙ୍କ ନେତୃତ୍ୱରେ ବହୁ ମହିଳା ସମାବେଶରେ ଯୋଗ ଦେଇଥିଲେ।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

ଧୁଷୁରୀ,୨୭।୪(ଅନନ୍ତ ସାହୁ): ଧୁଷୁରୀ ଥାନା ଅଧୀନ ମା' ବନ୍ଦ ନାୟକାଣୀଙ୍କ ପୀଠରେ ଧୁଷୁରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାଜପା ପକ୍ଷରୁ ରବିବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଏବଂ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା କାର୍ଯ୍ୟକାରୀ ସଭାପତି ଦେବାନନ୍ଦ ହୋତା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ନାରୀନେତ୍ରୀ ସୁବାଷିନୀ ନାୟକ, ନିରୋଦ ବେହେରାଙ୍କ ସମେତ ୧୪ ୱାର୍ଡର ନେତୃତ୍ୱ ଏବଂ କର୍ମୀ ଯୋଗ ଦେଇଥିଲେ। ଏନ୍‌ଏସି ଅଞ୍ଚଳରେ ଦଳକୁ ଶକ୍ତିଶାଳୀ କରିବା ସହ ସମସ୍ତ ଗ୍ରାମରେ ଆଲୋକ, ପାଣି, ରାସ୍ତାଘାଟ, ପ୍ରଧାନମନ୍ତ୍ରୀ ଆବାସ ଆଦି ବିଭିନ୍ନ ଯୋଜନା କେମିତି ଲୋକାଭିମୁଖୀ ହୋଇପାରିବ ଏବଂ ସମସ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

# ଉଚ୍ଛେଦ ପୂର୍ବରୁ ଦୋକାନ ଭାଙ୍ଗିଦେଲେ ବ୍ୟବସାୟୀ

ତିହିଡ଼ି,୨୭।୪(ସଞ୍ଜିତ ବଳ)

ତିହିଡ଼ି ତହସିଲ ଅଧୀନ ମଙ୍ଗଳପୁର ପଞ୍ଚାୟତର କମାରିଆ ବଜାରରେ ସରକାରୀ ରାସ୍ତା ଅବରୋଧ କରିଥିବା କେତେଜଣ ବ୍ୟବସାୟୀ ସୋମବାର ସେମାନଙ୍କ ଦୋକାନ ଭାଙ୍ଗି ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବାକୁ ସ୍ଥିର ହୋଇଥିବା ବେଳେ ଏହା ପୂର୍ବରୁ ବ୍ୟବସାୟୀମାନେ ନିଜ ଦୋକାନ ଭାଙ୍ଗି ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କମାରିଆ ବଜାରଠାରୁ ଶଙ୍କରପୁର ଯାଏ ଯାଇଥିବା ରାସ୍ତାକୁ କେତେଜଣ ବ୍ୟବସାୟୀ ଜବରଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିଲେ। ମଙ୍ଗଳପୁର ମୌଜା ଖାତା ନଂ. ୭୦୨ ପ୍ଲଟ୍ ନଂ. ୮୬୨କୁ ଅବରୋଧ କରାଯାଇଥିବାରୁ ରାସ୍ତା ସଙ୍କୁଚିତ ହେବା ସହ ରାସ୍ତା ନିର୍ମାଣ ନେଇ ସମସ୍ୟା ଉପୁଜୁଥିଲା। ଏନେଇ ସ୍ଥାନୀୟ ଅଧିବାସୀ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାସ୍ତା ମାପଚୁପ କରାଯାଇଥିଲା। ଏଥିସହ ୨୮ଟି ଅବରୋଧ ମାମଲା ମଧ୍ୟ ରୁଜୁ ହୋଇଥିଲା। ପରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଜବରଦଖଲ ଉଚ୍ଛେଦ ନେଇ ନୋଟିସ ଜାରି କରିଥିଲେ। ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ମଧ୍ୟ ଜବରଦଖଲ ହଟାଇ ରାସ୍ତା ନିର୍ମାଣରେ ସହଯୋଗ କରିବାକୁ ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ ଉଚ୍ଛେଦ ପୂର୍ବରୁ ଦୋକାନ ଭଙ୍ଗାଯିବା ଘଟଣା ନେଇ ପ୍ରଶାସନ ଆଶ୍ୱସ୍ତି ଲାଭ କରିଥିବା ଜଣାଯାଇଛି।



ମଙ୍ଗଳପୁର ପଞ୍ଚାୟତର କମାରିଆ ବଜାରରେ ଭଙ୍ଗାଯାଇଥିବା ଦୋକାନ ଗୃହ।

## ସଂକ୍ଷେପରେ

### କେନାଲକୁ ଖସିପଡ଼ିଲା ହାତୀ

ଯୋଡ଼ା,୨୭ା୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ମଙ୍ଗଳପୁର ଗ୍ରାମ ନିକଟ କାନପୁର କେନାଲରେ ରବିବାର ରାତି ୧୦ଟା ୩୦ରେ ଏକ ହାତୀ ଖସିପଡ଼ିଛି। ହାତୀପଲ କେନାଲ ନିକଟ ଦେଇ ଅତିକ୍ରମ କରୁଥିବା ବେଳେ ଗୋଟିଏ ହାତୀ କେନାଲରେ ଖସି ପଡ଼ିଥିବା ବନ ବିଭାଗ କହିଛି। ହାତୀକୁ ବନ କର୍ମଚାରୀ ଓ ହାତୀ ସୁରକ୍ଷାକର୍ମୀ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ହାତୀଟି ସମ୍ପୂର୍ଣ୍ଣ ସୁସ୍ଥ ଏବଂ ଅକ୍ଷତ ଥିବା ବେଳେ ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିଥିବା କେନ୍ଦୁଝର ଡିଏଫ୍ଓ ଏଚ୍ଡି ଧନ୍‌ରାଜ କହିଛନ୍ତି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ହାଟଡ଼ିହୀ/ଛେନାପଦୀ,୨୭ା୪(ଶୁଭକାନ୍ତ ନାୟକ/ନିରାକାର ପରିଡ଼ା): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳରେ ୨ ସନ୍ତାନର ମହିଳାଙ୍କୁ ତାମିଲନାଡୁ ନେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ୨ ମାସ ପୂର୍ବେ କେତେଜଣ ଯୁବକ ମହିଳାଙ୍କୁ ଉଠାଇ ନେଇ ତାମିଲନାଡୁ ନେଇଯାଇଥିଲେ। ସେଠାରେ ଏକ ଘରେ ରଖି ବଳାତ୍କାର କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ମହିଳାଙ୍କ ସ୍ୱାମୀ ତାମିଲନାଡୁ ଯାଇ ସ୍ତ୍ରୀଙ୍କୁ ସେଠାରୁ ଉଦ୍ଧାର କରି ଘରକୁ ଆଣିଥିଲେ। ପରେ ମହିଳା ଜଣକ ରବିବାର ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ ୧୭୨/୨୦୨୬) ରୁଜୁ କରିଛି। ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

### ନିଖୋଜ ନବମ ଶ୍ରେଣୀ ଛାତ୍ରୀ ଉଦ୍ଧାର

ହାଟଡିହି/ଛେନାପଦୀ,୨୭ା୪(ଶୁଭକାନ୍ତ ନାୟକ/ନିରାକାର ପରିଡ଼ା): କେନ୍ଦୁଝର ଜିଲା ନନ୍ଦିପଦା ପୋଲିସ ୨ ଦିନ ହେବ ନିଖୋଜ ଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ଉଦ୍ଧାର କରିଛି। ତେବେ ଛାତ୍ରୀ ଜଣକ କିପରି ଏବଂ କେଉଁ ପରିସ୍ଥିତିରେ ନିଖୋଜ ହୋଇଥିଲେ, ସେ ନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରିଣୀ ସୁଷମା ସୁନ୍ଦରୀ ସେଠୀ କହିଛନ୍ତି। ସୂଚନା ଅନୁସାରେ, ଛାତ୍ରୀ ଜଣକ ଚଳିତ ମାସ ୨୫ ତାରିଖ ଶନିବାର କେଉଁଆଡ଼େ ଚାଲିଯାଇଥିଲେ। ପରିବାର ତରଫରୁ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୧୭୦/୨୦୨୬) ରୁଜୁ କରିଥିଲା। ଛାତ୍ରୀଙ୍କ ସାଙ୍ଗ, ସାଥୀ, ବନ୍ଧୁ, ସମ୍ପର୍କୀୟଙ୍କୁ ଛାତ୍ରୀଙ୍କ ବିଷୟରେ ପଚରାଉଚରା କରାଯାଇଥିଲା। ପରେ ଛାତ୍ରୀ ଜଣକ ଶାଳନିଆଁ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଥିବା ସୂଚନା ମିଳିଥିଲା। ସେଠାରୁ ଛାତ୍ରୀ ଜଣଙ୍କୁ ପୋଲିସ ଉଦ୍ଧାର କରିବା ପରେ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ମିଳୁନି ବହି, ନୋଟିସ୍ ମାରି ବିଭାଗ ଚୁପ୍

କେନ୍ଦୁଝର,୨୭ା୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ପାଠପଢ଼ା ମାସେ ହେଲା ଆରମ୍ଭ ହୋଇଗଲାଣି। କିନ୍ତୁ ଅଦ୍ୟାବଧି ଛାତ୍ରୀଛାତ୍ରଙ୍କୁ ବହି ମିଳୁନି। ଫଳରେ ପାଠ ପଢ଼ାରେ ବାଧା ଉପୁଜୁଥିବା ବେଳେକ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚିନ୍ତାରେ ରହିଛନ୍ତି। ବହି ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁ ଥିଲେ ହେଁ ବହି ମିଳୁନାହିଁ। ବାରମ୍ବାର ଉତ୍ତର ଦେବାକୁ ପଡୁଥିବାରୁ ଶେଷରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧୮ ତାରିଖରେ ନୋଟିସ୍ ମାରି ଦାୟିତ୍ୱ ଶେଷ କରିଦିଆଯାଇଛି। ନୋଟିସ୍‌ରେ



ନୋଟିସ୍ /୧୮/୦୪/୨୦୨୬
ଏତଦ୍ୱାରା ସର୍ବସାଧାରଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀପର୍ଯ୍ୟନ୍ତ ସରକାରୀ ପାଠ୍ୟପୁସ୍ତକ ବର୍ତ୍ତମାନ ସୁଦ୍ଧା ଯୋଗାଣ ହୋଇନାହିଁ। ସରକାରୀ ଷ୍ଟକ ବିକ୍ରୟ ପାଇଁ ଏଠାକୁ ଆସିବା ପରେ ଜଣାଇଦିଆଯିବ।
ସ୍ୱାକ୍ଷର - BEO Keonjhar Sadar.

ବିଭାଗ ପକ୍ଷରୁ ମରାଯାଇଥିବା ନୋଟିସ୍।

ଉଲ୍ଲେଖ ହୋଇଛି, ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପାଠ୍ୟପୁସ୍ତକ ବର୍ତ୍ତମାନ ସୁଦ୍ଧା ଯୋଗାଣ ହୋଇନାହିଁ। ସରକାରୀ ଷ୍ଟକ୍ ବିକ୍ରୟ ପାଇଁ ଏଠାକୁ ଆସିବା ପରେ ଜଣାଇ ଦିଆଯିବ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ଫେଜ୍ ୱାରୀ ବହି ଆସୁଛି ଏବଂ ପ୍ରତ୍ୟେକ ବ୍ଲକ୍‌କୁ ଯୋଗାଇ ଦିଆଯାଉଛି। ସାମାଜିକକର୍ମୀ ଦିଲୀପ ସାହୁ କହିଛନ୍ତି, ଘରୋଇ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇ ୟୁନିଟ୍ ପରୀକ୍ଷା ସରିଲାଣି। କିନ୍ତୁ ସରକାରୀ ସ୍କୁଲରେ ବହି ଯୋଗାଣ ହୋଇପାରୁନାହିଁ। ସବୁ ପିଲାଙ୍କୁ ବହି ମିଳୁନାହିଁ। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବହି ସମସ୍ୟା ଦେଖାଦେବ। ଏଣୁ ଏହାକୁ ନେଇ ପିଲାଙ୍କ ଚିନ୍ତା ବଢ଼ିଥିବା ବେଳେ ବହୁ ପିଲା ବାଧ୍ୟ ହୋଇ ଘରୋଇ ସ୍କୁଲକୁ ଚାଲିଯାଉଛନ୍ତି।

# ଫେଣ୍ଡାଣ ଭୁଲ୍ କରିଦେଲେ ବିଡିଓ

ହାଟଡ଼ିହୀ/ଛେନାପଦୀ,୨୭ା୪ (ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)

ଜଣେ ପ୍ରଶାସନିକ ଅଧିକାରୀ ସରକାରୀ ଅନୁଦାନର ବିନିଯୋଗ ପ୍ରମାଣପତ୍ର ତଥା ୟୁସି(ୟୁଟିଲାଇଜେଶନ ସାର୍ଟିଫିକେଟ) ଦେବା ବେଳେ ଫେଡ଼ାଣ ଭୁଲ୍ କରିଦେଇଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବିଡିଓ ଉକ୍ତ ୟୁସି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀଙ୍କୁ ଚିଠି ଅନୁସାରେ ପ୍ରଦାନ କରିଛନ୍ତି। ଘଟଣା ନଜରକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି।



FORM O.G.F.R. 7-A
(See Rule 172)
FORM OF UTILISATION CERTIFICATE FOR THE YEAR ...2013-14 FOR PALLA/DASKATHI TROUPS UNDER HATADIHI BLOCKS

I hereby certify that grant placed at my disposal/ at the disposal of P.S. HATADIHI In the year ......2013-14... and the amount available for PALLA/DASKATHI TROUPS.

Expenditure during the said year was as follows:

I. (a) Unspent balance to the end of the year............ Rs. Nil.
(b) Grant received during the year of ....2010-11.. Rs 2, 00,000.00
Total ---------------- Rs. 2, 00,000.00

II Expenditure during the year:-
(I) Out of unspent balance as in 1 (a) above .......... Rs..................
(II) Out of the grant referred to in (b) above...2013-14... Rs 1, 87,200.00
Total ---------------- Rs. 1, 87,200.00

III. Unspent balance at the end of the year ...2013-14.... Rs.12, 600.00

2. I further certify that the expenditure of Rs ....1, 87,200.00... shown as expenditure in the year ....2013-14...has been expended solely on ... PALLA/DASKATHI TROUPS ..... Under my charge within the jurisdiction of ....P.S,Hatadihi ............. and for no other purpose and that the sum of Rs.12, 600.00 Rupees (Twelve thousand six hundred) only shown as balance at the end of the year......2013-14....... is available for expenditure and no part of it has been diverted to other purpose.

7. I, further certify that a list of works on which the expenditure of Rs.......1, 87,200.00.... has been incurred and the amount spent on each has been prepared and is maintained in my office / in the office of the P.S.,Hatadihi.

Block Development Officer
HATADIHI

ୟୁସିରେ ଦର୍ଶାଯାଇଛି, ୨୦୧୦-୧୧ରେ ବ୍ଲକ୍ କଳା ସଂସ୍କୃତି ସଂଘକୁ ୨ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିଥିଲା। ଅନୁଦାନରୁ ୨୦୧୩-୧୪ରେ ୧ ଲକ୍ଷ ୮୭ ହଜାର ୨୦୦ ଟଙ୍କା ପାଲା ଏବଂ ଦାସକାଠିଆ ଟ୍ରୁପ୍ସ ପାଇଁ ଖର୍ଚ୍ଚ ହୋଇଥିଲା। ବଳକା ଅନୁଦାନ ୧୨ ହଜାର ୮୦୦ ଟଙ୍କା ଉଲ୍ଲେଖ ରହିବା କଥା। କିନ୍ତୁ ୧୨ ହଜାର ୬୦୦ ଟଙ୍କା ବଳକା ରହିଥିବା ଦର୍ଶାଯାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ କଳାକାରମାନେ ବ୍ଲକ୍ କଳା ସଂସ୍କୃତି ସଂଘକୁ ଅଦ୍ୟାବଧି ଆସିଥିବା ସରକାରୀ ଅନୁଦାନ, କଳାକାରଙ୍କ ନାମ ପଞ୍ଜୀକରଣ ଅନୁଦାନ ହେରଫେର ହୋଇଥିବା ନେଇ ବିଡିଓଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଅଦ୍ୟାବଧି ପ୍ରକୃତ ଘଟଣା ଜଣାପଡ଼ିନି। ଏପରିସ୍ଥଳେ ପୂର୍ବରୁ ସଂଘକୁ ଆସିଥିବା ଅନୁଦାନର କୌଣସି ରେକର୍ଡପତ୍ର ନ ଥିବା ବେଳେ ତାଙ୍କ କାର୍ଯ୍ୟକାଳ ସମୟରେ ସମସ୍ତ ରେକର୍ଡ ଅଛି ବୋଲି ବିଡ଼ିଓ ରଞ୍ଜନ ପରିଡ଼ା କହୁଛନ୍ତି। ଫେଡ଼ାଣ ଭୁଲ ନେଇ କହିଥିଲେ, ତାଙ୍କ କାର୍ଯ୍ୟକାଳ ସମୟରେ ଏପରି ତ୍ରୁଟି ହୋଇନି। ଯାହା ସମୟରେ ଭୁଲ ହୋଇଥିବ, ସେ ଉତ୍ତରଦାୟୀ ରହିବେ। ଅପରପକ୍ଷେ ସଂଘକୁ ଆସିଥିବା ସରକାରୀ ଅନୁଦାନ ହେର୍‌ଫେର୍ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବ, କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ସହ ରିପୋର୍ଟ ମଗାଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲା ସଂସ୍କୃତି ଅଧିକାରୀ ଏହାର ଅନୁଧ୍ୟାନ କରୁଛନ୍ତି।

# ଭାଜପାର ଜନଆକ୍ରୋଶ ମହିଳା ପଦଯାତ୍ରା




ପଦଯାତ୍ରାରେ ଯୋଗଦେଇଥିବା ଜିଲା ଭାଜପା ନେତୃବୃନ୍ଦ ଓ କର୍ମକର୍ତ୍ତା।

କେନ୍ଦୁଝର,୨୭ା୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

## ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ

କେନ୍ଦୁଝର ଭାଜପା ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସୋମବାର ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ମହିଳା ସ୍ଥାନୀୟ କାଳୀପଡ଼ିଆରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ କଂଗ୍ରେସ ଓ ବିଜେଡି ବିରୋଧରେ ସ୍ଲୋଗାନ ଦେବା ସହ ସମାଲୋଚନା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାହୁଲ ଗାନ୍ଧୀ, ମମତା ବାନାର୍ଜୀ ଏବଂ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ ଅଭିଭାଷଣରେ କହିଥିଲେ, ମହିଳାଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ। ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ୭ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ। ଏହି ଅଧିନିୟମ ମହିଳାଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାକୁ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ଦୃଢ଼ୀଭୂତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଏହାକୁ ସଂସଦରେ ପାରିତ କରେଇ ଦେଇ ନ ଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଆକ୍ରୋଶ ପ୍ରତିଫଳିତ ହେଉଛି। କାର୍ଯ୍ୟକ୍ରମରେ ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ରାଜ୍ୟ ଭାଜପା ସମ୍ପାଦିକା ମମତା ସିଂ, ଜିଲା ସାଧାରଣ ସମ୍ପାଦିକା ଯଶସ୍ୱିନି ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ, ଜିଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବଉଳା,୨୭ା୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରେଗାଁ ଗ୍ରାମର ଉପେନ୍ଦ୍ର ପଣ୍ଡାଙ୍କ ପୁତ୍ର ରତିକାନ୍ତ ପଣ୍ଡା(୩୮)ଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ତାଙ୍କର ମରେଗାଁ ବଜାରରେ ଏକ ଦୋକାନ ଥିବା ବେଳେ ଅପରାହ୍ନ ୧ଟାରେ ଦୋକାନରୁ ଫେରି ଗାଁ ପଦ୍ମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ ଖସିଯିବାରୁ ମୁହଁମାଡ଼ି ପାଣିରେ ପଡ଼ି ଯାଇଥିଲେ। ଘରେ ପହଞ୍ଚିବା ବିଳମ୍ବ ହେବାରୁ ଘରଲୋକ ଖୋଜାଖୋଜି କରିଥିଲେ। ପରିବାର ଲୋକେ ପୋଖରୀକୁ ଯାଇଥିବା ଜାଣି ଖୋଜାଖୋଜି କରିବା ସହ ହାଟଡ଼ିହୀ ଦମକଳ ବାହିନୀକୁ ଖବର କରିଥିଲେ। ଦମକଳ ବାହିନୀ ପହଞ୍ଚି ୩ ଘଣ୍ଟା ପରିଶ୍ରମ ପରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ତାମିଲନାଡୁରୁ ଫେରୁଥିବା ଯୁବକ ନିଖୋଜ

ବଉଳା,୨୭ା୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ କଣିଆରୀ ଗ୍ରାମର ଦେବକାନ୍ତ ଜେନା(୩୫) ତାମିଲନାଡୁରୁ ଫେରୁଥିବା ସମୟରେ ଭୁବନେଶ୍ୱରରେ ନିଖୋଜ ହୋଇଯାଇଛନ୍ତି। ଭୁବନେଶ୍ୱର ଷ୍ଟେଶନରୁ ଓହ୍ଲାଇ ଥିବା ବେଳେ ସେଠାରୁ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦେବକାନ୍ତ ତାମିଲନାଡୁର ଇରୋଡର ଏକ ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟ କରୁଥିଲେ। ଗତ ଗୁରୁବାର ୨୩ ତାରିଖରେ ତାମିଲନାଡୁରୁ ବିଜୟନଗର ଆସି ହାଇଦ୍ରାବାଦ ସୁପରଫାଷ୍ଟରେ ଭୁବନେଶ୍ୱର ଆସିଥିଲେ। ଭୁବନେଶ୍ୱରରୁ ଭଦ୍ରକ ଆସିବା ପାଇଁ ଘରକୁ ଏବଂ ତାଙ୍କ ସାଙ୍ଗଙ୍କୁ ଫୋନ୍ ଯୋଗେ କହିଥିଲେ। କିନ୍ତୁ ସୋମବାର ସେ ଘରେ ପହଞ୍ଚି ନ ଥିଲେ। ତାଙ୍କର ମୋବାଇଲ ସୁଇଚ୍ ଅଫ୍ ରହିଥିଲା। ଏହାକୁ ନେଇ ତାଙ୍କ ବାପା ଅକ୍ଷୟ ଜେନା ଭୁବନେଶ୍ୱର ରେଳ ଷ୍ଟେଶନରେ ଥିବା ଜିଆରପି ଥାନାରେ ଅଭିଯୋଗ କରିଛନ୍ତି।

# ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୨୭ା୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର ସ୍କ୍ୱାଡ ଚଢ଼ାଉ କରି ରଣାଶାଳ ଘାଟି ନିକଟରୁ ଏକ ସାଇଜଡ ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ରବିବାର ରାତିରେ ଜଙ୍ଗଲରେ ଚୋରା ଲୁହାପଥର ଲୋଡ୍ ହେଉଥିବା ବେଳେ ଖଣି ବିଭାଗ ଅତର୍କିତ ଚଢ଼ାଉ କରି ଟ୍ରକ୍(ନଂ. ସିଜ ୦୪ ପିବି ୮୯୧୩)କୁ ଜବତ କରିଛନ୍ତି। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋରମାନେ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ଗାଡ଼ି ସମେତ ଲୋଡ୍ ହୋଇଥିବା ୫ ମେଟ୍ରିକ ଟନ୍ ସାଇଜଡ ଲୁହାପଥରକୁ ଖଣି ବିଭାଗ ଜବତ କରିଛି।

# ରିପୋର୍ଟ ମାଗିଲେ ଜିଲା ସଂସ୍କୃତି ଅଧିକାରୀ

ହାଟଡ଼ିହୀ/ଛେନାପଦୀ,୨୭ା୪ (ଶୁଭକାନ୍ତ ନାୟକ/ନିରାକାର ପରିଡ଼ା)

## 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ବନ୍ଦ ଘଟଣା

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ବ୍ଲକ୍‌ରେ ଅନୁଦାନ ଅଭାବରୁ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିଲା। ଘଟଣା ସମ୍ପର୍କରେ ପ୍ରକାଶ ପରେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ସମସ୍ତ ବ୍ଲକ୍‌କୁ ଅନୁଷ୍ଠିତ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ସମ୍ପର୍କିତ ରିପୋର୍ଟ ମାଗିଥିବା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ୨୫ ମାର୍ଚ୍ଚ ୨୦୨୬ରେ ବିଭିନ୍ନ ବ୍ଲକ୍‌କୁ ଜାରି ହୋଇଥିବା ଚିଠି ଅନୁସାରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ପାରମ୍ପରିକ କଳାକାରଙ୍କୁ ସମ୍ମାନିତ ଏବଂ ସମ୍ବର୍ଦ୍ଧନା କରାଯିବା ସହ ପ୍ରତିଷ୍ଠିତ ଲୋକ କଳାର ପ୍ରଚାର ପ୍ରସାର କରିବା ମୁଖ୍ୟ ଲକ୍ଷ୍ୟ ରଖାଯାଇଥିବା ଦର୍ଶାଯାଇଥିଲା। ଏଥିସହ କାର୍ଯ୍ୟକ୍ରମର ସମସ୍ତ ଦସ୍ତାବିଜ ଓଡ଼ିଆ ପକ୍ଷ -୨୦୨୬ ପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟରେ ସ୍ଥାନିତ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ ୨୩ ଫେବୃୟାରୀ ୨୦୨୬ରେ ସମସ୍ତ ଜିଲା ସଂସ୍କୃତି ଅଧିକାରୀଙ୍କୁ ଜାରି କରିଥିବା ଚିଠିରେ ଉଲ୍ଲେଖ କରିଥିଲେ। ମାତ୍ର ଅନୁଦାନ ଅଭାବରୁ ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ, ଆନନ୍ଦପୁର, ଘସିପୁରା ବ୍ଲକ୍‌ରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିଲା। ଏ ନେଇ ଖବର ପ୍ରକାଶ ପରେ ଜିଲା ସଂସ୍କୃତି ଅଧିକାରୀ ପଦକ୍ଷେପ ନେଇଛନ୍ତି। ଜିଲା ସଂସ୍କୃତି ଅଧିକାରୀ ନାୟକ କହିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଅନୁସାରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲାର ସମସ୍ତ ବ୍ଲକ୍‌କୁ ଚିଠି ଦ୍ୱାରା ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ କରିଥିବା ଅଳ୍ପ କେତକ ବ୍ଲକ୍ ରିପୋର୍ଟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ବାବଦରେ ବ୍ଲକ୍ ତରଫରୁ ହୋଇଥିବା ଖର୍ଚ୍ଚ ବିଲ୍ ଦାଖଲ କରିବା ପରେ ତାହା ଭରଣା କରାଯାଇଥାନ୍ତା। ଯେଉଁ ବ୍ଲକ୍ ଏହି କାର୍ଯ୍ୟକ୍ରମ କରି ନାହାନ୍ତି, ସେମାନଙ୍କୁ କାରଣ ଦର୍ଶାଅ ଚିଠି ଜାରି କରାଯିବ।

# ଆଦିଦେବ ଓସିଏ ଆବାସିକ ଏକାଡେମୀ ପାଇଁ ମନୋନୀତ

କେନ୍ଦୁଝର,୨୭ା୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ରାଜ୍ୟରେ ନୂତନ କ୍ରିକେଟ୍ ପ୍ରତିଭା ସୃଷ୍ଟି ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଏକ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଡ଼. ହରେକୃଷ୍ଣ ମହତାବଙ୍କ ନାମରେ ଉତ୍ସର୍ଗୀକୃତ ଏହି ଏକାଡେମୀ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ବାଳକ ଏବଂ ୧୫ ଜଣ ବାଳିକା ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ କେନ୍ଦୁଝର ଜିଲାର ଏକମାତ୍ର ଖେଳାଳୀଭାବେ ଆଦିଦେବ ସାହୁ ଓସିଏ ରେସିଡେନ୍ସିଆଲ ଏକାଡେମୀ ପାଇଁ ମନୋନୀତ ହୋଇଛନ୍ତି। ଆଦିଦେବ ଗତ ଫେବୃଆରୀରେ କଟକଠାରେ ଅନୁଷ୍ଠିତ ଆନ୍ତଃ ଜିଲା ୧୪ବର୍ଷରୁ କମ୍ କ୍ରିକେଟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଫେବୃଆରୀ ୯ରୁ କିଟ୍ ଷ୍ଟାଡ଼ିୟମରେ ଆୟୋଜିତ ନେଟ୍ସରେ ସେ କେନ୍ଦୁଝରର ଏକମାତ୍ର ଖେଳାଳୀଭାବେ ସ୍ଥାନ ପାଇଥିଲେ। ଆଦିଦେବଙ୍କ ଏହି ମନୋନୟନ ସମ୍ପର୍କରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଜିଲା କ୍ରୀଡା ସଂସ୍ଥାର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ମେଲ ଯୋଗେ ଜଣାଇଛନ୍ତି। ଆଦିଦେବ କେନ୍ଦୁଝର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିବା ବେଳେ ପିତା ସତ୍ୟନାରାୟଣ ସାହୁ ଜଣେ ବ୍ୟବସାୟୀ ଓ ମାତା ଶଶୀକଳା ସାହୁ ଜଣେ ଗୃହିଣୀ। କେନ୍ଦୁଝରସ୍ଥିତ ସେଣ୍ଟ ଜାଭିୟର ସ୍କୁଲରୁ ପ୍ରତିନିଧିତ୍ୱ କରନ୍ତି। ଫେମସ କ୍ଲବ୍‌ରୁ ସେ ନିୟମିତ ଖେଳୁଛନ୍ତି। ଦୀପକ ମୁଖିଙ୍କ ପ୍ରଶିକ୍ଷଣ ଓ ଗିରିଶ ଚନ୍ଦ୍ର ହୋତାଙ୍କ ପ୍ରେରଣାରେ ଅଭ୍ୟାସ କରୁଛନ୍ତି।

# ଏମ୍‌ପି, ବିଧାୟକଙ୍କ ବିରୋଧରେ କର୍ମୀ ଏକାଠି

ପାଟଣା,୨୭ା୪(ବୀର କିଶୋର ଦାଶ)



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା କର୍ମୀମାନେ।

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ତଥା ପାଟଣାବ୍ଲକ୍ ଭାଜପା ନେତା ଓ କର୍ମୀ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରି ଏକାଠି ହୋଇଛନ୍ତି। ଏ ନେଇ ସୋମବାର ପାଟଣା ବ୍ଲକ୍ ଘେରାଉ କରିଛନ୍ତି। ଭାଜପାର ଶତାଧିକ କର୍ମୀ ପାଟଣା ମଣ୍ଡଳ ପୂର୍ବତନ ଭାଜପା ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏମ୍‌ପିଙ୍କ ପ୍ରତିନିଧି ଓ ବିଧାୟକ ପ୍ରତିନିଧି ଏବଂ ବ୍ଲକ୍ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଗୋଟିଏ କାର୍ଯ୍ୟାଦେଶକୁ ୨ ରୁ ୩ ଜଣଙ୍କୁ ବଣ୍ଟା ହେଉଛି। କାର୍ଯ୍ୟାଦେଶ ଦେବା ପାଇଁ ଆଗୁଆ ପ୍ରତିନିଧିମାନେ ପିସି ନେଉଛନ୍ତି। ବାହାର ଅଞ୍ଚଳର ଲୋକଙ୍କୁ କାମ ମିଳୁଛି, ନିଜ ଗାଁ, ପଞ୍ଚାୟତ ଲୋକଙ୍କୁ କାମ ମିଳୁନି ବୋଲି ପାଟଣା ଭାଜପା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ କହିଛନ୍ତି। ଯାହା ଫଳରେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ଶାସନ ସମୟରେ ଯେଉଁମାନେ ଠିକାଦାରୀ କରୁଥିଲେ। ଆଜି ବି ସେଇମାନେ ଠିକାଦାରୀ କରିବା ଦୁର୍ଭାଗ୍ୟଜନକ ବୋଲି କଲ୍ୟାଣ ମହାନ୍ତ କହିଛନ୍ତି। ଭାଜପା ନେତା ଓ କର୍ମୀମାନେ ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟଙ୍କୁ ଏହି ମର୍ମରେ ଦାବିପତ୍ର ଦେଇ ଯେ ପର୍ଯ୍ୟନ୍ତ ବିଧାୟକ, ଏମ୍‌ପିଙ୍କ ସହିତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ, ସେ ପର୍ଯ୍ୟନ୍ତ ବ୍ଲକ୍‌ର ସମସ୍ତ କାର୍ଯ୍ୟାଦେଶକୁ ବନ୍ଦ ରଖାଯିବାକୁ ଦାବି କରାଯାଇଛି। ମଣ୍ଡଳ ସଭାପତିଙ୍କ ମାଧ୍ୟମରେ ସମସ୍ତ କାର୍ଯ୍ୟାଦେଶ ବଣ୍ଟନ ନ ହେଲେ, ଆଗକୁ ଆନ୍ଦୋଳନ ତୀବ୍ରରୂପ ହେବ ବୋଲି ଅର୍ଜୁନ ମହାନ୍ତ, ରବୀନ୍ଦ୍ର ମହାନ୍ତ, ସୁରେଶ ମହାନ୍ତ, ପ୍ରକାଶ ସେଠୀ, ଯୁଧିଷ୍ଠିର ମହାନ୍ତ, ଗୋପାଳ ମହାନ୍ତ ପ୍ରମୁଖ ୩ ମଣ୍ଡଳର ଶତାଧିକ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ

ଯୋଡ଼ା,୨୭ା୪(ମାନସ ମହାନ୍ତି)

## ଝିଅର ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱରେ ପରିବାର

କେନ୍ଦୁଝର ଜିଲା ଯୋଡ଼ା ସହର ଆଜାଦ ବସ୍ତିରେ ରହୁଥିବା ରୀତିକା ଲୋହାର(୨୩)ଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି। ଭଡ଼ା ଘରୁ ପୋଲିସ ରୀତିକାଙ୍କ ଝୁଲନ୍ତା ମୃତଦେହ ଜବତ କରି ତଦନ୍ତ କରୁଥିବା ବେଳେ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି। ଘଟଣାକୁ ନେଇ ପରିବାର ଦ୍ୱନ୍ଦ୍ୱରେ ଥିବାବେଳେ ପୋଲିସ ସହାୟତା କରୁ ନ ଥିବାରୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ରାଷ୍ଟ୍ରପତିଙ୍କୁ ମଧ୍ୟ ଫେରାଦ ହେବେ ବୋଲି ଭଉଣୀ ବେବୀ ଲୋହାର କହିଛନ୍ତି।

ଅଭିଯୋଗ ମୁତାବକ, ରୀତିକା କେନ୍ଦୁଝର ଟାଉନ୍‌ରେ ରହି କାର୍ଯ୍ୟ କରୁଥିଲେ। ଗତ ୧୬ ତାରିଖରେ ତାଙ୍କ ସାଙ୍ଗ ରାହୁଲ ମହାପାତ୍ର ରୀତିକାଙ୍କ ଭଉଣୀ ବେବୀଙ୍କୁ ଫୋନ୍ ଯୋଗେ ରୀତିକା ସହିତ ଫାରୁଖ ଖାନ୍ ଘରେ ଥିବା ନେଇ ଜଣାଇଥିଲେ। ରୀତିକା ଓ ଫାରୁଖ ଦୁହେଁ ଏକ ଘରୋଇ ବ୍ୟାଙ୍କରେ ଫାଇନାନ୍ସ ଶାଖାରେ କାର୍ଯ୍ୟ କରୁଥିଲେ। କୌଣସି ଘଟଣାକୁ ନେଇ ଉକ୍ତ ଦିନ ରାହୁଲ, ରୀତିକା ଓ ଫାରୁଖଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ଫୋନ ଅନ୍‌ଲାଇନରେ ରହିଥିବାରୁ ବେବୀ ସମସ୍ତ କଥା ଶୁଣି ଝଗଡ଼ା ନ କରିବା ପାଇଁ ଅନୁରୋଧ କରିଥିଲେ। ଘଟଣା ସମ୍ପର୍କରେ ବେବୀ ତାଙ୍କ ବାପା ରଙ୍ଗା ଲୋହାରଙ୍କୁ ଜଣାଇଥିଲେ। ରଙ୍ଗା ଏ ନେଇ ରାହୁଲଙ୍କୁ ଫୋନ୍ କରିବାରୁ ସେ କିଛି ନାହିଁ ବୋଲି କହି କଥାକୁ ଏଡ଼ାଇ ଦେଇଥିଲେ। ପରେ ରଙ୍ଗା ତାଙ୍କ ଝିଅ ରୀତିକାଙ୍କୁ ଯୋଡ଼ା ପଳେଇ ଆସିବାକୁ କହି ୩୯୫ ଟଙ୍କା ଫୋନ ପେ ମାଧ୍ୟମରେ ପଠାଇଥିଲେ। ମାତ୍ର ସନ୍ଧ୍ୟା ପ୍ରାୟ ୬ଟା ୨୦ରେ ରାହୁଲ ଫୋନ୍ କରି ଝିଅ ରୀତିକା ଘର ଭିତରୁ କବାଟ ବନ୍ଦ କରିଦେଇଥିବା କହିଥିଲେ। ରଙ୍ଗା ତୁରନ୍ତ ଘର ମାଲିକଙ୍କୁ ଜଣାଇବା ପାଇଁ କହିବାରୁ ରାହୁଲ ଘରଠାରୁ ଦୂରରେ ଥିବା କହିଥିଲେ। ପରେ ଘରର ଝରକା ଫାଙ୍କରୁ ମାଲିକାଣୀ ଦେଖି ରୀତିକା ଓଢ଼ଣିରେ ଫାଶୀ ଲଗାଇ ଝୁଲିପଡ଼ିଥିବା କହିଥିଲେ। ରଙ୍ଗା ନିଜର ପରିବାର ବର୍ଗଙ୍କ ସହିତ ଯାଇ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। କେନ୍ଦୁଝର ଟାଉନ ଥାନାରେ ଏକ ମାମଲା (ନଂ.୩୫୮/ ୧୮ ଏପ୍ରିଲ ୨୦୨୬) ରୁଜୁ ହୋଇଛି। ପ୍ରଥମତଃ ମୃତ ରୀତିକାଙ୍କ ଆଣ୍ଠୁ ତଳେ ଲାଗିଥିଲା। ଘରର ସମସ୍ତ ସରଞ୍ଜାମ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିଥିଲା। ପ୍ରେସରକୁକର୍‌ର ଢାଙ୍କୁଣି ବଙ୍କା ହେବା ସହ ତେଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଘରେ ପଡ଼ି ରହିଥିଲା। ଘଟଣା ଦେଖି ଆତ୍ମହତ୍ୟା ବୋଲି ସହଜରେ ପରିବାରବର୍ଗ ବିଶ୍ୱାସକୁ ନେଇ ନ ଥିଲେ। ଅଭିଯୋଗରେ ଫାରୁଖ ଖାନ୍ ଏବଂ ରାହୁଲ ମହାପାତ୍ରଙ୍କ ନାମ ଉଲ୍ଲେଖ କରି ତଦନ୍ତ ପରିସରଭୁକ୍ତ ଦାବି କରିଥିଲେ। ପ୍ରାରମ୍ଭିକ ତଦନ୍ତରେ ରାହୁଲଙ୍କୁ ପୋଲିସ ପଚରାଉଚରା କରି ଛାଡ଼ିଦେଇଥିଲା। ଏପରିକି ବ୍ୟବଚ୍ଛେଦ ରିପୋର୍ଟ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ। ତେଣୁ ନ୍ୟାୟ ପାଇଁ ଭାଇ ରତିକ ଲୋହାର, ଭଉଣୀ ବେବୀ ଲୋହାର ଫେରାଦ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାମେବାରୀ ଗସ୍ତ କାର୍ଯ୍ୟକ୍ରମ ବେଳେ ଅଭିଯୋଗ ପତ୍ର ଦେବେ ବୋଲି ଆଶା ଲୋହାର, ରଙ୍ଗା ଲୋହାର କହିଛନ୍ତି।

